# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-

ECHO OF HIS CALL 1969-2019 GOLDEN JUBILEE

REACHING NATIONS

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXVI YEAR OF OUR LORD JESUS CHRIST, 2025 JANUARY No.11


## ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଗୀତସଂହିତା ୧୦୧:୧-୮)

୧ ମୁଁ ଦୟା ଓ ଶାସନ ବିଷୟ ଗାନ କରିବି । ହେ ସଦାପ୍ରଭୋ, ମୁଁ ତୁମ୍ଭ ଉଦ୍ଦେଶ୍ୟରେ ପ୍ରଶଂସା ଗାନ କରିବି ।

୨ ମୁଁ ବିବେଚନାପୂର୍ବକ ସିଦ୍ଧ ପଥରେ ଗମନ କରିବି; ଆହା, ତୁମ୍ଭେ କେବେ ମୋ' ନିକଟକୁ ଆସିବ ? ମୁଁ ଆପଣା ଗୃହ ମଧ୍ୟରେ ସିଦ୍ଧ ଅନ୍ତଃକରଣରେ ଆଚରଣ କରିବି ।

୩ ମୁଁ କୌଣସି ମନ୍ଦ ବିଷୟ ଆପଣା ଦୃଷ୍ଟିଗୋଚରରେ ରଖିବି ନାହିଁ; ମୁଁ ବିପଥଗାମୀମାନଙ୍କ କର୍ମ ଘୃଣା କରେ; ତାହା ମୋ'ଠାରେ ଲିପ୍ତ ହେବ ନାହିଁ ।

୪ କୁଟିଳ ଅନ୍ତଃକରଣ ମୋ' ନିକଟରୁ ଦୂର ହେବ; ମୁଁ ମନ୍ଦ ବିଷୟର ପରିଚୟ ନେବି ନାହିଁ ।

୫ ଯେଉଁ ଜନ ଗୋପନରେ ଆପଣା ପ୍ରତିବାସୀର ଅପବାଦ କରେ, ମୁଁ ତାହାକୁ ବିନାଶ କରିବି; ଯାହାର ଅହଙ୍କାର-ଦୃଷ୍ଟି ଓ ଗର୍ବୀ ଅନ୍ତଃକରଣ, ମୁଁ ତାହାକୁ ସହିବି ନାହିଁ ।

୬ ଦେଶର ବିଶ୍ୱସ୍ତ ଲୋକେ ଯେପରି ମୋ' ସଙ୍ଗେ ବାସ କରିବେ, ଏଥିପାଇଁ ସେମାନଙ୍କ ଉପରେ ମୋହର ଦୃଷ୍ଟି ରହିବ । ଯେଉଁ ଜନ ସିଦ୍ଧ ପଥରେ ଚାଲେ, ସେ ମୋହର ସେବା କରିବ ।

୭ ଯେ ପ୍ରତାରଣା କରେ, ସେ ମୋ' ଗୃହ ମଧ୍ୟରେ ବାସ କରିବ ନାହିଁ । ଯେ ମିଥ୍ୟା କହେ, ସେ ମୋ' ଦୃଷ୍ଟିଗୋଚରରେ ସ୍ଥାୟୀ ହେବ ନାହିଁ ।

୮ ମୁଁ ଅଧର୍ମାଚାରୀସମସ୍ତଙ୍କୁ ସଦାପ୍ରଭୁଙ୍କ ନଗରରୁ ଉଚ୍ଛିନ୍ନ କରିବା ନିମନ୍ତେ ପ୍ରତି ପ୍ରଭାତରେ ଦେଶର ସକଳ ଦୁଷ୍ଟ ଲୋକଙ୍କୁ ସଂହାର କରିବି ।

# ପ୍ରଭୁ ଯୀଶୁ ଖ୍ରୀଷ୍ଟ

## ଆପଣଙ୍କ ନିକଟରେ କରିଥିବା ପ୍ରତିଜ୍ଞାଗୁଡ଼ିକୁ ସ୍ମରଣ କରିବେ !

THE LORD JESUS CHRIST WILL REMEMBER HIS PROMISES TO YOU!

ସମ୍ମାନୀୟା, ମୁଖ୍ୟ ସଂପାଦିକା, ରେଭ୍. ଆଞ୍ଜେଲାଇନ୍ ସେଲ୍‌ଭାକୁମାରୀ



ମୋର **'ଆହ୍ୱାନର ପ୍ରତିଧ୍ୱନି'** ସଂପ୍ରସାରିତ ପରିବାରର ସମସ୍ତଙ୍କୁ ଏକ ଆନନ୍ଦପୂର୍ଣ୍ଣ ନୂତନ ବର୍ଷ ପାଇଁ ଶୁଭେଚ୍ଛା ଜଣାଉଅଛି ।

ଏହି ବର୍ଷ ଯେପରି ଈଶ୍ୱର ଆପଣଙ୍କୁ, ଆପଣଙ୍କର ପରିବାରକୁ ଓ ତାଙ୍କ ନିମନ୍ତେ ଆପଣ କରିଥିବା ଉତ୍ତମ କାର୍ଯ୍ୟକୁ ସ୍ମରଣ କରିବେ, ଏଥିପାଇଁ ମୁଁ ପ୍ରାର୍ଥନା କରୁଅଛି ।

ବାଇବଲ ଆମକୁ ଏହି ଭରସା ଦିଏ ଯେ ଆମର ଈଶ୍ୱର ନିଜର ପ୍ରତିଜ୍ଞା ରକ୍ଷା କରନ୍ତି । ସେ ଘୋଷଣା କରିଛନ୍ତି, **"...ଆମ୍ଭେ ଯାହା ତୁମ୍ଭକୁ କହିଅଛୁ, ତାହା ସଫଳ ନ କରିବା ଯାଏ ଆମ୍ଭେ ତୁମ୍ଭକୁ ପରିତ୍ୟାଗ କରିବା ନାହିଁ"** (ଆଦିପୁସ୍ତକ ୨୮:୧୫) । ଯେତେବେଳେ ଈଶ୍ୱର ଗୋଟିଏ ପ୍ରତିଜ୍ଞା କରନ୍ତି, ସେତେବେଳେ ସେ ନିଜର ଉପଯୁକ୍ତ ସମୟରେ ଏହାକୁ ସଫଳ କରିବାରେ ବିଶ୍ୱସ୍ତ ଅଟନ୍ତି । ତାଙ୍କ ସମୟ ଆସିବା ପାଇଁ ହୁଏତ ଗୋଟିଏ ଦିନ, ଗୋଟିଏ ସପ୍ତାହ, ଗୋଟିଏ ମାସ, ଗୋଟିଏ ବର୍ଷ କିମ୍ବା ଅନେକ ଯୁଗ ମଧ୍ୟ ଲାଗିପାରେ । ମାତ୍ର ତାଙ୍କର ପ୍ରତିଜ୍ଞା ସର୍ବଦା ସଫଳ ହେବ ।

ମୁଁ ପ୍ରାର୍ଥନା କରୁଛି ଯେପରି ୨୦୨୫ ଆପଣଙ୍କର 'କାଇରୋସ' ବର୍ଷ, ଅର୍ଥାତ୍, ଆପଣଙ୍କ ଜୀବନରେ ତାଙ୍କ ପ୍ରତିଜ୍ଞା ସବୁ ସଫଳ ହେବା ପାଇଁ ଈଶ୍ୱରଙ୍କ ନିରୂପିତ ସମୟ ହେବ ।

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)




ଆହ୍ୱାନର ପ୍ରତିଧ୍ୱନିର

ୟୁ-ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !

ଆପଣମାନେ ପାଳକ ଏସ୍. ସାମ୍. ସେଲ୍‌ଭାରାଜ୍‌ଙ୍କ ସହିତ

୫ ମିନିଟ୍‌ର ବାର୍ତ୍ତା !!

ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ


ପ୍ରତିଦିନ ଭୋର ୨ ଟାରେ

ତାମିଲ ରବିବାର ଉପାସନା - ସକାଳ ୮.୩୦ରେ

* Please Subscribe and Share *

# ECHO OF HIS CALL - (1969-2019 GOLDEN JUBILEE YEAR)

REACHING NATIONS



## ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...

"...ତୁମ୍ଭର ଭଣ୍ଡାର ବହୁ ଧନରେ ପରିପୂର୍ଣ୍ଣ ହେବ ଓ ତୁମ୍ଭ କୁଣ୍ଡରେ ନୂତନ ଦ୍ରାକ୍ଷାରସ ଉଚ୍ଛୁଳି ପଡ଼ିବ" (ହିତୋପଦେଶ ୩:୧୦) ।



### ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।


**HON. EDITOR-IN-CHIEF**
Rev. Angeline S. Kumari, M.A., M.Sc., M.Ed.
**HON. MANAGING EDITOR**
Pastor Alex Samson Sam, B.Th., M.Div.
**GENERAL MANAGER**
Bro. N. Prakasam, M.A., M.Sc.(C&P), PGDHRM, MBA.
**ADMINISTRATION**
Sis. Jesy Veena Sam
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
Dr. Rabinder Boaz, M.S. (CMC)
**EDITORIAL BOARD**
Dr. Serena Bevin, M.A., M.Phil., B.Ed.
Sis. Sajini Cherian
Rev. Dr. K.R. Rajasekaran
Rev. Dr. William Robert, Ph.D., DD, D.Lit.


**EDITOR, PUBLISHER & PRINTER**
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 98412 71858 95661 31858
**E.MAIL**
sam@echoofhiscall.org
biblecor@yahoo.co.in
**WEBSITES**
www.echoofhiscall.org
www.stpaulsmatriculation.com
**YOUTUBE CHANNEL**
Echo of His Call


### ପ୍ରଭୁରେ ଈଶ୍ୱରଙ୍କର ପ୍ରିୟ ସନ୍ତାନଗଣ,

*ଆପଣମାନଙ୍କୁ ଆମର ପ୍ରେମପୂର୍ଣ୍ଣ ଅଭିବାଦନ । ଆମେ ଆପଣମାନଙ୍କର ଦୈନନ୍ଦିନର ସୁରକ୍ଷା ଓ ଆପଣଙ୍କ ଜୀବନର କଲ୍ୟାଣ ନିମନ୍ତେ ପ୍ରାର୍ଥନା କରୁଅଛୁ । ଗତ ବର୍ଷ ସାରା, ଆମ ନିମନ୍ତେ ଆପଣମାନଙ୍କର ଉଦ୍‌ଯୋଗପୂର୍ଣ୍ଣ ପ୍ରାର୍ଥନା ଓ ଆନନ୍ଦପୂର୍ଣ୍ଣ ଅର୍ଥ ସହାୟତା ସକାଶେ ଆପଣମାନଙ୍କୁ ଧନ୍ୟବାଦ ଜଣାଉଅଛୁ । ଆପଣମାନେ କୁଶଳରେ ଅଛନ୍ତି ବୋଲି ଆମେ ବିଶ୍ୱାସ କରୁଛୁ ।*

*ବିଗତ ବର୍ଷରେ, ଆମ ସେବାକାର୍ଯ୍ୟର ପଥ ଈଶ୍ୱରଙ୍କ ଉତ୍ତମତାରେ ପରିପୂର୍ଣ୍ଣ ଥିଲା । କିନ୍ତୁ, ପ୍ରଭୁ ଯର୍ଦ୍ଦନ ନଦୀ ଭଳି ପରୀକ୍ଷା ଓ ସୂଫ ସମୁଦ୍ର ଭଳି ଯନ୍ତ୍ରଣା ଉପରେ ବିଜୟୀ ହେବା ପାଇଁ ଆମକୁ ସାହାଯ୍ୟ କରିଥିଲେ, ନଚେତ୍ ଏହି ସବୁକୁ ଆମେ ମାନବ ଶକ୍ତି ଦ୍ୱାରା ପରାସ୍ତ କରିପାରି ନ ଥା'ନ୍ତୁ ।*

*ଏହି ସମାନ ବିଷୟ ହୁଏତ ଆପଣଙ୍କ ଜୀବନରେ ମଧ୍ୟ ଥାଇପାରେ । ଭୟ କରନ୍ତୁ ନାହିଁ । ଈଶ୍ୱର ଆପଣମାନଙ୍କ ପାର୍ଶ୍ୱରେ ଠିଆ ହୋଇ ଯୁଦ୍ଧ କରୁଛନ୍ତି ଓ ସେହିପରି କରିବା ଅବ୍ୟାହତ ରଖିବେ ।* ***"କାରଣ ସଦାପ୍ରଭୁ ଏହି କଥା କହନ୍ତି, ତୁମ୍ଭେମାନେ ବାୟୁ ଦେଖିବ ନାହିଁ, ଅବା ତୁମ୍ଭେମାନେ ବୃଷ୍ଟି ଦେଖିବ ନାହିଁ, ତଥାପି ସେହି ଉପତ୍ୟକା ଜଳରେ ପରିପୂର୍ଣ୍ଣ ହେବ । ତହିଁରେ ତୁମ୍ଭେମାନେ ... ଓ ତୁମ୍ଭମାନଙ୍କ ଗୋମେଷାଦି ଓ ତୁମ୍ଭମାନଙ୍କ ପଶୁ ସମସ୍ତେ ପାନ କରିବେ" (୨ ରାଜାବଳୀ ୩:୧୭) ।***

***"ଏଥିପାଇଁ ପ୍ରଭୁ ସଦାପ୍ରଭୁ ଏହି କଥା କହନ୍ତି, ଦେଖ, ଆମ୍ଭେ ଭିତ୍ତିମୂଳ ନିମନ୍ତେ ସିୟୋନରେ ଏକ ପ୍ରସ୍ତର, ପରୀକ୍ଷାସିଦ୍ଧ ପ୍ରସ୍ତର, ଦୃଢ଼ ଭିତ୍ତିମୂଳ ସ୍ୱରୂପ ବହୁମୂଲ୍ୟ କୋଣ ପ୍ରସ୍ତର ସ୍ଥାପନ କରୁଅଛୁ, ଯେ ବିଶ୍ୱାସ କରେ, ସେ ଚଞ୍ଚଳ ହେବ ନାହିଁ"*** *(ଯିଶାଇୟ ୨୮:୧୬) । ଚିନ୍ତିତ ହୁଅନ୍ତୁ ନାହିଁ । ଈଶ୍ୱର ଆପଣମାନଙ୍କ ନିମନ୍ତେ ମଧ୍ୟ ଆଶ୍ଚର୍ଯ୍ୟକର୍ମ ସାଧନ କରିବେ ।* ***"ଯେହେତୁ ତୁମ୍ଭ ପ୍ରତି କରୁଣା କରିଅଛନ୍ତି ଯେଉଁ ସଦାପ୍ରଭୁ, ସେ କହନ୍ତି, ପର୍ବତଗଣ ବିଚଳିତ ହୋଇ ଘୁଞ୍ଚିଯିବେ ଓ ଉପ-ପର୍ବତଗଣ ଟଳିବେ, ମାତ୍ର ଆମ୍ଭର ଦୟା ତୁମ୍ଭଠାରୁ ବିଚଳିତ ହେବ ନାହିଁ, ଅଥବା ଆମ୍ଭ ଶାନ୍ତିର ନିୟମ ଟଳିବ ନାହିଁ"*** *(ଯିଶାଇୟ ୫୪:୧୦) । ଯେଉଁ ଈଶ୍ୱର ପତନରୁ ଆପଣମାନଙ୍କୁ ରକ୍ଷା କରିବା ପାଇଁ ସମର୍ଥ ଅଟନ୍ତି, ସେ ଆପଣଙ୍କ ସହିତ ଅଛନ୍ତି, ଦେଖନ୍ତୁ, ଆପଣମାନଙ୍କ ପାଇଁ ଅଟକି ଯାଇଥିବା ପ୍ରତ୍ୟେକଟି ଉତ୍ତମ ବିଷୟ ଏହି ବର୍ଷ ଶେଷ ହେବା ପୂର୍ବରୁ ନିଶ୍ଚୟ ଆପଣମାନଙ୍କ ନିକଟରେ ପହଞ୍ଚିବ ।*

*ଆମ ସେବାକାର୍ଯ୍ୟର ପଥ କଷ୍ଟକର ଅଟେ, ଆମେ ଶତ୍ରୁ ବିରୁଦ୍ଧରେ ଯୁଦ୍ଧ କରୁଥିବା ସମୟରେ ଆମର ଶକ୍ତି ହ୍ରାସ ପାଉଅଛି । ମାତ୍ର ଈଶ୍ୱର ଆମକୁ ଉଠାଉଛନ୍ତି ।* ***"ଯେଣୁ ଧାର୍ମିକ ସାତ ଥର ପଡ଼ିଲେ ହେଁ ପୁନର୍ବାର ଉଠିବ, ମାତ୍ର ଦୁଷ୍ଟମାନେ ବିପଦରେ ଝୁଣ୍ଟି ପଡ଼ନ୍ତି"*** *(ହିତୋପଦେଶ ୨୪:୧୬) । ସେଥିପାଇଁ ଆମେ ନିରୁତ୍ସାହିତ ନୋହୁଁ । ଈଶ୍ୱରଙ୍କ ଶକ୍ତି ଆମକୁ ଧରି ରଖିଛି ।*

*ଆମେ ଆପଣମାନଙ୍କର ଉଦ୍‌ଯୋଗପୂର୍ଣ୍ଣ ପ୍ରାର୍ଥନା ଓ ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ ନିମନ୍ତେ ହୃଷ୍ଟଚିତ୍ତର ଦାନ ପାଇଁ ଅନୁରୋଧ କରୁଅଛୁ । ଏହିପରି ଭାବରେ, ଆପଣମାନେ ଆମ ସେବାକାର୍ଯ୍ୟରେ ଉଦ୍‌ଯୋଗୀ ହୁଅନ୍ତୁ । ପୁଣି ଈଶ୍ୱରଙ୍କର ଅନ୍ୟ ଦାସମାନଙ୍କୁ ସହାୟତା ଦେବାକୁ ଭୁଲନ୍ତୁ ନାହିଁ । ସଦାପ୍ରଭୁ ଆପଣମାନଙ୍କ ବହୁଗୁଣରେ ଆଶୀର୍ବାଦ କରନ୍ତୁ । ଆମେନ୍ ।*

*ଆପଣମାନଙ୍କୁ ଏକ ଆନନ୍ଦପୂର୍ଣ୍ଣ ନୂତନ ବର୍ଷ ପାଇଁ ଶୁଭେଚ୍ଛା ।*

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**


ପାଳକ ଆଲେକ୍ସ ସାମ୍‌ସନ୍ ସାମ୍
ପାଳକ ଏସ୍.ସାମ୍.ସେଲ୍‌ଭାରାଜ
(+91) 98412 71858 / 98410 71858, E.mail : sam@echoofhiscall.org



**Our Ministries:** ECHO OF HIS CALL Monthly Magazines (16 languages) · BIBLECOR - Postal Courses (3 languages) · YouTube Ministry · Online Courses · Theological Correspondence Courses (2 languages) · Church Planting · Nehemiah Bible Colleges · Gospel Printing Press · Great Commission Partners · St. Paul's Matriculation School · Crusades · Community Development

## ଦୟାକରି ଧ୍ୟାନ ଦିଅନ୍ତୁ : ଆହ୍ୱାନର ପ୍ରତିଧ୍ୱନିର ପାଠକଗଣ

**ଆହ୍ୱାନର ପ୍ରତିଧ୍ୱନି** ୟୁ–ଟ୍ୟୁବ୍ ବାର୍ତ୍ତା ପ୍ରତିଦିନ ଭୋର ୨ଟାରେ ତାମିଲ, ତେଲୁଗୁ, ଇଂରାଜୀ ଓ ହିନ୍ଦୀ ଭାଷାରେ ପ୍ରସାରିତ ହେଉଅଛି । ଆପଣମାନେ ବାର୍ତ୍ତାଗୁଡ଼ିକୁ ଶୁଣିବା ଦ୍ୱାରା ଈଶ୍ୱରଙ୍କ ଅନୁଗ୍ରହ ପାଇପାରିବେ । ଅଧିକନ୍ତୁ, ଆପଣମାନଙ୍କ ମୋବାଇଲ୍ ଫୋନ୍‌ରେ ମୋର ମୋବାଇଲ ନମ୍ବ (+୯୧) ୯୮୪୧୦୭୧୮୫୮, (+୯୧) ୯୮୪୧୨୭୧୮୫୮ (ବ୍ୟକ୍ତିଗତ) ସଂରକ୍ଷିତ ରଖନ୍ତୁ ।

**ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍**

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

## କଷ୍ଟକର ସମୟଗୁଡ଼ିକ ଅତି ବ୍ୟାକୁଳ ପ୍ରାର୍ଥନା ପାଇଁ ଆହ୍ୱାନ ଦିଏ ।

ଯେତେବେଳେ ଈଶ୍ୱର ଆପଣଙ୍କୁ ଗୋଟିଏ ଦେଇଥା'ନ୍ତି, ସେତେବେଳେ ସେହି ପ୍ରାର୍ଥନାରେ ସ୍ଥିର ରହନ୍ତୁ ଓ ଏହା ସଫଳ ନ ହେବା ପର୍ଯ୍ୟନ୍ତ ବିଶ୍ୱାସରେ ଏହା ଦାବୀ କରି ଚାଲନ୍ତୁ । ପ୍ରାୟତଃ, ଶୋଚନୀୟ ପରିସ୍ଥିତିଗୁଡ଼ିକ ଉଦ୍‌ଯୋଗପୂର୍ଣ୍ଣ ଓ ଆନ୍ତରିକ ପ୍ରାର୍ଥନା ଆବଶ୍ୟକ କରେ । ସମଗ୍ର ବାଇବଲରେ, ଆମେ ବ୍ୟକ୍ତିମାନଙ୍କର ଏପରି ଅନେକ ଦୃଷ୍ଟାନ୍ତ ଦେଖୁ, ଯେଉଁମାନେ ସେମାନଙ୍କର ଅତି କଷ୍ଟକର ସମୟରେ, ଅତି ବ୍ୟାକୁଳଭାବରେ ଈଶ୍ୱରଙ୍କ ପ୍ରତି ଫେରିଥିଲେ – ଓ ସେ ସେମାନଙ୍କୁ ସ୍ମରଣ କରିଥିଲେ ।

ଯେତେବେଳେ ମୁଁ କହେ ଯେ "ଈଶ୍ୱର ସ୍ମରଣ କଲେ", ସେତେବେଳେ ଏହାର ଏହି ଅର୍ଥ ନୁହେଁ ଯେ ସେ କେବେ ଭୁଲିଯା'ନ୍ତି । ଏହା ପରିବର୍ତ୍ତେ, ଏହାର ଅର୍ଥ ହେଉଛି – ଯେତେବେଳେ ଆମେ ନିରନ୍ତର ବିଶ୍ୱାସର ସହିତ ପ୍ରାର୍ଥନା କରୁ, ସେତେବେଳେ ସ୍ୱର୍ଗ ଆମ କ୍ରନ୍ଦନର ପ୍ରତ୍ୟୁତ୍ତରରେ ଦୋହଲିଯାଏ ।

ଗୋଟିଏ ସନ୍ତାନ ଧାରଣ କରିବା ପାଇଁ ଅସମର୍ଥ ହୋଇଥିବାରୁ ଗଭୀର ଦୁଃଖ ମଧ୍ୟରେ ଥିବା, ହାନ୍ନାଙ୍କ କାହାଣୀକୁ ବିଚାର କରନ୍ତୁ ।



**ହାନ୍ନାଙ୍କ ପ୍ରାର୍ଥନା – ମୁଁ ଗଭୀରଭାବେ ଦୁଃଖଗ୍ରସ୍ତା ନାରୀ**

ଅତି ଦୁଃଖର ସହିତ, ସେ ଘୋଷଣା କରିଥିଲେ, **"... ମୁଁ ଜଣେ ଦୁଃଖିନୀ ସ୍ତ୍ରୀ..."** (୧ ଶାମୁୟେଲ ୧:୧୫) । ପ୍ରାର୍ଥନାରେ ନିଜର ଅନ୍ତରକୁ ଢ଼ାଳି ଦେବା ପରେ, ତାଙ୍କ ମୁଖ ପରିବର୍ତ୍ତିତ ହୋଇଥିଲା । ବାଇବଲ ଆମକୁ କହିଛି, **"... ପୁଣି ତାଙ୍କର ମୁଖ ଆଉ ବିଷର୍ଣ୍ଣ ନୋହିଲା"** (୧ ଶାମୁୟେଲ ୧:୧୮), କାରଣ ସେ ଏହା ବିଶ୍ୱାସ କରିଥିଲେ ଯେ ଈଶ୍ୱର ତାଙ୍କ ପ୍ରାର୍ଥନାର ଉତ୍ତର ଦେବେ । ନିଜର ସ୍ୱଭାବ ପ୍ରତି ବିଶ୍ୱସ୍ତ ଈଶ୍ୱର, **"... ତାହାଙ୍କୁ ସ୍ମରଣ କରିଥିଲେ"** (୧ ଶାମୁୟେଲ ୧:୧୯), ଓ ତାଙ୍କୁ ଗୋଟିଏ ସନ୍ତାନ ପ୍ରଦାନ କରିଥିଲେ ।

ହିଜିକିୟ ଅନ୍ୟ ଏକ ଶକ୍ତିପୂର୍ଣ୍ଣ ଦୃଷ୍ଟାନ୍ତ ଅଟନ୍ତି । ଯେତେବେଳେ ଈଶ୍ୱର ମୃତ୍ୟୁ ନିମନ୍ତେ ତାଙ୍କୁ ପ୍ରସ୍ତୁତ ହେବାକୁ କହିଲେ, ସେତେବେଳେ ସେ ବ୍ୟାକୁଳ ଭାବରେ ଏହିପରି ପ୍ରାର୍ଥନା କରିଥିଲେ ?

**"ହେ ସଦାପ୍ରଭୋ, ମୁଁ ବିନୟ କରୁଅଛି, ମୁଁ କିପରି ସତ୍ୟତାରେ ଓ ସିଦ୍ଧ ଅନ୍ତଃକରଣରେ ତୁମ୍ଭ ସମ୍ମୁଖରେ ଗମନାଗମନ କରିଅଛି ଓ ତୁମ୍ଭ ଦୃଷ୍ଟିରେ ଉତ୍ତମ କର୍ମ କରିଅଛି, ଏହା ଏବେ ସ୍ମରଣ କର..."** (୨ ରାଜାବଳୀ ୨୦:୩) । ତାଙ୍କର ମର୍ମସ୍ପର୍ଶୀ ନିବେଦନ ଈଶ୍ୱରଙ୍କୁ ବିଚଳିତ କରିଥିଲା ଓ ତାଙ୍କର ଜୀବନକାଳ ବୃଦ୍ଧି ପାଇଥିଲା ।

ଅତି ବ୍ୟାକୁଳ ଚିତ୍ତର ପ୍ରାର୍ଥନାଗୁଡ଼ିକ କିପରି ଈଶ୍ୱରଙ୍କ ହୃଦୟକୁ ସ୍ପର୍ଶ କରେ ଓ ସ୍ୱର୍ଗୀୟ ହସ୍ତକ୍ଷେପ ପାଇଁ ତାଙ୍କୁ ପ୍ରରୋଚିତ କରେ ଏ ସମ୍ବନ୍ଧୀୟ ସାକ୍ଷ୍ୟଗୁଡ଼ିକରେ ବାଇବଲ ପରିପୂର୍ଣ୍ଣ ଅଟେ ।

ଯେତେଥର ଲୋକମାନେ ପ୍ରାର୍ଥନା କରୁଥିଲେ, ସେତେଥର ଈଶ୍ୱର ସ୍ମରଣ କରୁଥିଲେ । ମୁଁ ଜାଣେ ନାହିଁ ଯେ ବିଗତ ବର୍ଷଗୁଡ଼ିକରେ ଆପଣମାନଙ୍କ ମଧ୍ୟରୁ କେତେ ଜଣ ଏହା କହି କ୍ରନ୍ଦନ କରିଛନ୍ତି, "ପ୍ରଭୋ, ତୁମ ପ୍ରେମପୂର୍ଣ୍ଣ କରୁଣାରେ ମୋତେ ସ୍ମରଣ କର । ପ୍ରଭୋ, ମୋ' ପ୍ରତି ଦୟା କର, ଦୟାକରି ମୋ' ପ୍ରତି ଦୃଷ୍ଟି ଦିଅ । ମୋର ପରିସ୍ଥିତି ପ୍ରତି ଦୃଷ୍ଟି ଦିଅ ।"

ମୋ' ନିକଟରେ ଆପଣମାନଙ୍କ ନିମନ୍ତେ ସୁସମ୍ବାଦ ଅଛି । ଏହା ହିଁ ସାର୍ବଭୌମ ସଦାପ୍ରଭୁ ଘୋଷଣା କରନ୍ତି :

**"... ଆମ୍ଭ ବାକ୍ୟର କୌଣସି କଥା ଆଉ ବିଳମ୍ବ ନୋହିବ, ମାତ୍ର ଆମ୍ଭେ ଯେଉଁ ବାକ୍ୟ କହିବା, ତାହା ସଫଳ ହେବ – ଏହା ପ୍ରଭୁ ସଦାପ୍ରଭୁ କହନ୍ତି"** (ଯିହିଜିକଲ ୧୨:୨୮) ।

ଏହା ମୋର ଆନ୍ତରିକ ପ୍ରାର୍ଥନା ଅଟେ ଯେପରି ୨୦୨୫ରେ ଈଶ୍ୱର ଆପଣଙ୍କୁ ସ୍ମରଣ କରିବେ ଓ ଆପଣଙ୍କ ଜୀବନ, ଆପଣଙ୍କର ପରିବାର ଓ ଆପଣଙ୍କର ସେବାକାର୍ଯ୍ୟ ନିମନ୍ତେ ଥିବା ତାଙ୍କର ଯୋଜନା ସଫଳ କରିବେ ।

ଈଶ୍ୱର ଆମକୁ ସ୍ମରଣ କରନ୍ତୁ ବୋଲି ଆମେ ଯେତିକି ଇଚ୍ଛା କରୁ, ଏହି ବର୍ଷର ଆରମ୍ଭରେ କେତେକ ବିଷୟକୁ ଆମେ ମଧ୍ୟ ସ୍ମରଣ କରୁ ବୋଲି ସେ ସେତିକି ଇଚ୍ଛା କରନ୍ତି । ସେ ଆମକୁ ଏପରି କେତେକ ଗୁରୁତ୍ୱପୂର୍ଣ୍ଣ ନିୟମ ବିଷୟରେ ସ୍ମରଣ କରାଉ ଅଛନ୍ତି ଯେଉଁଗୁଡ଼ିକୁ ଆମେ ଧରିରଖିବା ଓ ପାଳନ କରିବା ଆବଶ୍ୟକ :

### ୧. ପ୍ରଭୁଙ୍କର କାର୍ଯ୍ୟ ଓ ଆଶ୍ଚର୍ଯ୍ୟକର୍ମଗୁଡ଼ିକୁ ସ୍ମରଣ କରନ୍ତୁ ।

**"ମୁଁ ସଦାପ୍ରଭୁଙ୍କ କର୍ମସବୁ ଉଲ୍ଲେଖ କରିବି, ମୁଁ ପୂର୍ବକାଳର ତୁମ୍ଭ ଆଶ୍ଚର୍ଯ୍ୟକ୍ରିୟା ସବୁ ସ୍ମରଣ କରିବି । ମୁଁ ତୁମ୍ଭର ସମସ୍ତ କର୍ମ ଚିନ୍ତା କରିବି ଓ ତୁମ୍ଭର କ୍ରିୟାସକଳ ଧ୍ୟାନ କରିବି" (ଗୀତସଂହିତା ୭୭:୧୧–୧୨) ।**

ବାଇବଲ ଆମକୁ ଆମ ଜୀବନରେ ଈଶ୍ୱର ସାଧନ କରିଥିବା ଆଶ୍ଚର୍ଯ୍ୟକର୍ମ ଓ ଆଶୀର୍ବାଦଗୁଡ଼ିକ ଉପରେ ଚିନ୍ତା କରିବା ପାଇଁ ଶିକ୍ଷା ଦେଇଛନ୍ତି । ଏହାର ଏକ ସ୍ପଷ୍ଟ ଉଦାହରଣ ଯିହୋଶୂୟ ୪ ଅଧ୍ୟାୟରେ ଦେଖିବାକୁ ମିଳେ । ସେଠାରେ ଯିହୋଶୂୟଙ୍କର ନେତୃତ୍ୱ ଅଧୀନରେ ଇସ୍ରାଏଲୀୟମାନେ ଯର୍ଦ୍ଦନ ନଦୀ ଅତିକ୍ରମ କରିଥିଲେ ।



**ଯିହୋଶୂୟଙ୍କ ନେତୃତ୍ୱ ଅଧୀନରେ ଇସ୍ରାଏଲୀୟମାନେ ଯର୍ଦ୍ଦନ ନଦୀ ଅତିକ୍ରମ କରିଥିଲେ ।**

ନଦୀ ଅତିକ୍ରମ କରୁଥିବା ସମୟରେ, ଈଶ୍ୱର ତାଙ୍କର ଆଶ୍ଚର୍ଯ୍ୟକର୍ମକୁ ସ୍ମରଣ କରିବା ପାଇଁ ସେମାନଙ୍କୁ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବା ପାଇଁ ଆଜ୍ଞା ଦେଇଥିଲେ । ସେ ନଦୀକୂଳରୁ ଗୋଟିଏ ଗୋଟିଏ ପ୍ରସ୍ତର ସଂଗ୍ରହ କରିବା ପାଇଁ ପ୍ରତ୍ୟେକ ଗୋଷ୍ଠୀକୁ କହିଥିଲେ । ଏହି ପ୍ରସ୍ତରଗୁଡ଼ିକ ଈଶ୍ୱରଙ୍କ ବିଶ୍ୱସ୍ତତାର ଏକ ସ୍ମାରକୀ ଭାବରେ କାର୍ଯ୍ୟ କରିବା ପାଇଁ ଉଦ୍ଦିଷ୍ଟ ଥିଲା । ସଦାପ୍ରଭୁ କହିଥିଲେ :

**"ତାହା ତୁମ୍ଭମାନଙ୍କ ମଧ୍ୟରେ ଚିହ୍ନ ସ୍ୱରୂପ ହେବ, ପୁଣି ତୁମ୍ଭମାନଙ୍କର 'ଏସବୁ ପଥର କଅଣ ?' ଭବିଷ୍ୟତ୍ କାଳରେ ତୁମ୍ଭମାନଙ୍କର ସନ୍ତାନଗଣ ଏହା ପଚାରିଲେ, ତୁମ୍ଭେମାନେ ସେମାନଙ୍କୁ କହିବ, ସଦାପ୍ରଭୁଙ୍କ ନିୟମ ସିନ୍ଦୁକ ସମ୍ମୁଖରେ ଯର୍ଦ୍ଦନର ଜଳ କଟା ହୋଇଥିଲା" (ଯିହୋଶୂୟ ୪:୬-୭) ।**

୨୦୨୪ରୁ କିମ୍ବା ଏହା ପୂର୍ବରୁ, ଆପଣମାନଙ୍କ ନିକଟରେ କି କି ସ୍ମାରକୀ ସବୁ ଅଛି ? ଯଦି ଇସ୍ରାଏଲୀୟମାନେ ଯର୍ଦ୍ଦନନଦୀ ଅତିକ୍ରମ କରିବାର ଅସୁବିଧାର ସମ୍ମୁଖୀନ ହୋଇ ନ ଥା'ନ୍ତେ, ତେବେ ପରବର୍ତ୍ତୀ ପିଢ଼ୀକୁ ଜଣାଇବା ପାଇଁ ସେମାନଙ୍କ ନିକଟରେ ସ୍ମାରକୀ ପ୍ରସ୍ତରଗୁଡ଼ିକ ନ ଥା'ନ୍ତା ।

ସମାନଭାବରେ, ଈଶ୍ୱର ବେଳେବେଳେ ଗର୍ଜ୍ଜନକାରୀ, କ୍ଷିପ୍ରଗତିରେ ପ୍ରବାହିତ ଯର୍ଦ୍ଦନ ନଦୀ ଭଳି ବହୁଳ ଆହ୍ୱାନଗୁଡ଼ିକୁ ଆମ ସମ୍ମୁଖକୁ ଆଣନ୍ତି । ଏହି ଅସୁବିଧାଗୁଡ଼ିକ କେବଳ ଆମର ବିଶ୍ୱାସକୁ ଗଠନ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ, ମାତ୍ର ଆମ ନିମନ୍ତେ ଓ ଆଗାମୀ ପିଢ଼ୀ ନିମନ୍ତେ ଈଶ୍ୱର ଯାହା କରିପାରନ୍ତି, ତାହାର ସାକ୍ଷ୍ୟ ଭାବରେ କାର୍ଯ୍ୟ କରିବା ପାଇଁ ମଧ୍ୟ ଉଦ୍ଦିଷ୍ଟ ଅଟେ ।

## ୨. ନିଜର ସୃଷ୍ଟିକର୍ତ୍ତାଙ୍କୁ ସ୍ମରଣ କରନ୍ତୁ ।

**ଉପଦେଶକ ୧୨:୧**

ଆମେ, ପ୍ରାୟତଃ, ଏହି ପଦଟିକୁ ନିର୍ଦ୍ଦିଷ୍ଟ ଭାବରେ ଯୁବା ଲୋକମାନଙ୍କ ପ୍ରତି ଉଦ୍ଦିଷ୍ଟ ହୋଇଛି ବୋଲି ଭାବୁ, ଲେଖାଯାଇଛି, **"ତୁମ୍ଭେ ଯୌବନକାଳରେ ଆପଣା ସୃଷ୍ଟିକର୍ତ୍ତାଙ୍କୁ ସ୍ମରଣ କର"** (ଉପଦେଶକ ୧୨:୧) । କିନ୍ତୁ, ଆମ ସମଗ୍ର ଜୀବନ କାଳ ମଧ୍ୟରେ ଆମର ସୃଷ୍ଟିକର୍ତ୍ତାଙ୍କୁ ସ୍ମରଣ କରିବା ପାଇଁ, ଏହା ଆମ ସମସ୍ତଙ୍କୁ କହିଛି ।

ଆମେ, ପ୍ରାୟତଃ ସୃଷ୍ଟିକର୍ତ୍ତାଙ୍କ ଉପରେ ସୃଷ୍ଟିକୁ ପ୍ରାଧାନ୍ୟ ଦେଉ । ବାଇବଲ ଆମକୁ ସତର୍କ କରି ଦେଇଛି : **"... ସେମାନେ ଈଶ୍ୱରଙ୍କ ବାକ୍ୟ ପରିବର୍ତ୍ତେ ମିଥ୍ୟା ଗ୍ରହଣ କଲେ ଓ ଖ୍ରୀଷ୍ଟଙ୍କ ପରିବର୍ତ୍ତେ ସୃଷ୍ଟ ବସ୍ତୁର ପୂଜା ଓ ସେବା କଲେ, ସେ ଯୁଗେ ଯୁଗେ ଧନ୍ୟ । ଆମେନ୍"** (ରୋମୀୟ ୧:୨୫) ।

ପ୍ରାୟତଃ, ଆମେ ଏହାକୁ ଉପଲବ୍ଧି ନ କରି, ଭୌତିକ ବିଷୟର ନିର୍ମାତାଙ୍କ ଅପେକ୍ଷା ଭୌତିକ ବିଷୟଗୁଡ଼ିକ ଉପରେ ଅଯଥା ଗୁରୁତ୍ୱ ଦେଉ । ଧର୍ମଶାସ୍ତ୍ର ଆମକୁ ସ୍ମରଣ କରାଇ ଦେଇଛି,

**"କିନ୍ତୁ, ତୁମ୍ଭେମାନେ ପ୍ରଥମରେ ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କର, ଆଉ ଏହି ସମସ୍ତ ବିଷୟ ମଧ୍ୟ ତୁମ୍ଭମାନଙ୍କୁ ଦିଆଯିବ" (ମାଥିଉ ୬:୩୩) ।**

ଆମେ ଉତ୍ସକୁ ଭୁଲିଯାଇଛୁ ! ଈଶ୍ୱର ଆମ ବିଶ୍ୱାସର ଆଦିକର୍ତ୍ତା ଓ ସିଦ୍ଧିଦାତା ଅଟନ୍ତି । ସେ ସମସ୍ତ ବିଷୟ ସୃଷ୍ଟି କରିଥିଲେ ଓ ଆମ ଜୀବନକୁ ସଂପୂର୍ଣ୍ଣ ନିୟନ୍ତ୍ରଣରେ ରଖିଛନ୍ତି । ଆମ ଜୀବନର ପ୍ରତ୍ୟେକ ଘଟଣା ଏକ ସ୍ୱର୍ଗୀୟ ଉଦ୍ଦେଶ୍ୟ ସହିତ ଆସେ । ସୃଷ୍ଟିକର୍ତ୍ତାଙ୍କଠାରେ ବିଶ୍ୱାସ କରନ୍ତୁ କାରଣ ସେ ମଙ୍ଗଳ ନିମନ୍ତେ ସମସ୍ତ ବିଷୟକୁ କାର୍ଯ୍ୟକାରୀ କରନ୍ତି ।

ଦୃଷ୍ଟାନ୍ତ ଭାବରେ, ଯୋଷେଫଙ୍କ କାହାଣୀକୁ ନିଅନ୍ତୁ । ସେ ଯାକୁବଙ୍କର ପ୍ରିୟ ପୁତ୍ର ଥିଲେ, ବୃଦ୍ଧ ବୟସରେ ତାଙ୍କଠାରୁ ଜନ୍ମ ହୋଇଥିବାରୁ, ସେ ତାଙ୍କୁ ଏତେ ଅଧିକ ଭଲ ପାଉଥିଲେ ଯେ ତାଙ୍କ ଭାଇମାନେ ତାଙ୍କୁ ଈର୍ଷା କରିବା ଆରମ୍ଭ କରିଥିଲେ ।



**ନିଜ ପ୍ରିୟ ପୁତ୍ରଙ୍କ ସହିତ ଯାକୁବ**

ଯୋଷେଫ ଏକ ସ୍ୱପ୍ନଦର୍ଶକ ଥିଲେ ଓ ଈଶ୍ୱରଙ୍କଠାରୁ ଏହି ପ୍ରତିଜ୍ଞା ଓ ଭାବବାଣୀ ପାଇଥିଲେ ଯେ ଦିନେ ତାଙ୍କର ପରିବାର ତାଙ୍କୁ ପ୍ରଣାମ କରିବ । କିନ୍ତୁ ଯୋଷେଫ ଯେଉଁଠାରେ ଥିଲେ, ସେହିଠାରେ ଏହି ପ୍ରତିଜ୍ଞା ସଫଳ ହୋଇପାରିବ ନାହିଁ ବୋଲି ଈଶ୍ୱର ଜାଣିଥିଲେ । ଏକ ଯାତ୍ରା ଆବଶ୍ୟକ ଥିଲା ।



## ଯୋଷେଫଙ୍କୁ ଏକ କଷ୍ଟକର ପଥରେ ଚାଲିବାକୁ ଥିଲା

ଯାକୁବ ଯୋଷେଫଙ୍କ ସୁରକ୍ଷା ପ୍ରତି ସତର୍କ ଥିବାରୁ ତାଙ୍କୁ ସେହି ମିଶରକୁ ଯିବା ପାଇଁ ଅନୁମତି ଦେଇ ନ ଥାନ୍ତେ, ଯେଉଁଠାରେ ଈଶ୍ୱରଙ୍କ ଯୋଜନା ଅପେକ୍ଷା କରୁଥିଲା । ସେଥିପାଇଁ, ଯୋଫେଙ୍କୁ ଏକ କଷ୍ଟକର ପଥରେ ଚାଲିବାକୁ ପଡ଼ିଥିଲା : ଗର୍ତ୍ତ, କାରାଗାର ଓ ଶେଷରେ ରାଜପ୍ରାସାଦ । ମିଥ୍ୟା ଅଭିଯୋଗ ଓ କାରାବରଣ ଭଳି କ୍ଲେଶଗୁଡ଼ିକ ସତ୍ତ୍ୱେ, ଈଶ୍ୱର ପ୍ରତ୍ୟେକ ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିଥିଲେ ।

*ପ୍ରିୟ ବନ୍ଧୁଗଣ,*

ଆପଣଙ୍କ ପାଇଁ ଜୀବନ ହୁଏତ ଅନ୍ୟାୟପୂର୍ଣ୍ଣ ହୋଇଅଛି । ଆପଣ ହୁଏତ ପ୍ରାୟ ଯୋଷେଫଙ୍କ ଭଳି ଯନ୍ତ୍ରଣାପୂର୍ଣ୍ଣ ଅନୁଭୂତି, ଅନ୍ୟାୟ ଆଚାରଣ, ଅପମାନ, କିମ୍ବା ବିଶ୍ୱାସଘାତକତାର ସମ୍ମୁଖୀନ ହୋଇଛନ୍ତି । ମାତ୍ର ମନେରଖନ୍ତୁ, ଆପଣଙ୍କର ସୃଷ୍ଟିକର୍ତ୍ତା ନିୟନ୍ତ୍ରଣ କରୁଛନ୍ତି ।

ଦିନେ ଯୋଷେଫ ଉଦ୍ଧାର ପାଇବା ଆଶାରେ ତାଙ୍କୁ ସ୍ମରଣ କରିବା ପାଇଁ ଜଣେ ପାନପାତ୍ର ବାହକକୁ କହିଥିଲେ । ମାତ୍ର ସେହି ବ୍ୟକ୍ତି ନୁହେଁ, ମାତ୍ର ଈଶ୍ୱର ହିଁ ତାଙ୍କ ଉତ୍ଥାନର ଯୋଜନା କରିଥିଲେ । ଈଶ୍ୱର ବନ୍ଦ କରିଥିବାର ଦ୍ୱାରକୁ ଖୋଲିବା ପାଇଁ କିମ୍ବା ଈଶ୍ୱର ଖୋଲିଥିବା ଦ୍ୱାରକୁ ବନ୍ଦ କରିବା ପାଇଁ କୌଣସି ମନୁଷ୍ୟର ଶକ୍ତି ନାହିଁ । ଈଶ୍ୱରଙ୍କର ଯଥାର୍ଥ ସମୟ ଉପରେ ବିବାସ କରନ୍ତୁ, କାରଣ **"ସେ ଆପଣାର ସମୟରେ ସମସ୍ତ ବିଷୟକୁ ସୁଶୋଭିତ କରନ୍ତି" (ଉପଦେଶକ ୩:୧୧) ।**

ପ୍ରତ୍ୟେକ ପରିସ୍ଥିତିରେ, ନିଜର ସୃଷ୍ଟିକର୍ତ୍ତାଙ୍କୁ ସ୍ମରଣ କରନ୍ତୁ । ସେ ଆପଣଙ୍କର ମସ୍ତକ ଉତ୍ତୋଳନକାରୀ ଅଟନ୍ତି ଓ ସେ ନିଜର ଯୋଜନାକୁ ସଫଳ କରନ୍ତି । ତାଙ୍କୁ ସଂପୂର୍ଣ୍ଣଭାବରେ ବିଶ୍ୱାସ କରନ୍ତୁ । ସେ ଆମ ଭବିଷ୍ୟତ୍‌କୁ ଗଠନ କରିଛନ୍ତି :

**"କାରଣ ସଦାପ୍ରଭୁ କହନ୍ତି, ତୁମ୍ଭମାନଙ୍କ ପକ୍ଷରେ ଆମ୍ଭେ ଯେ ସକଳ ସଂକଳ୍ପ କରିଅଛୁ, ତାହା ଆମ୍ଭେ ଜାଣୁ, ତୁମ୍ଭମାନଙ୍କର ଅନ୍ତିମ କାଳରେ ତୁମ୍ଭମାନଙ୍କୁ**

*(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)*

ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୫ ଜାନୁୟାରୀ ୧୯ ରୁ ୨୦୨୫ ଫେବୃୟାରୀ ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ଈଶ୍ୱରଙ୍କର ପ୍ରଶଂସା କରନ୍ତୁ

ଜାନୁୟାରୀ ୧୯ ⇨ ଆମର ସମସ୍ତ ସହଯୋଗୀ ସଂପାଦକ ଓ ସେମାନଙ୍କର ପରିବାରଗୁଡ଼ିକ ନିମନ୍ତେ ।

ଜାନୁୟାରୀ ୨୦ ⇨ ଆମର ପ୍ରାର୍ଥନାସାଥୀ, ସଭ୍ୟସଭ୍ୟା, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ, ମହାଆଦେଶ ସାଥୀଗଣ ଓ ସେମାନଙ୍କର ପରିବାରଗୁଡ଼ିକ ନିମନ୍ତେ ।

ଜାନୁୟାରୀ ୨୧ ⇨ ଗତ ମାସ ଆମର ସମସ୍ତ ଅର୍ଥନୈତିକ ଓ ଆତ୍ମିକ ଆବଶ୍ୟକତା ପୂରଣ କରିଥିବାରୁ ।

ଜାନୁୟାରୀ ୨୨ ⇨ ଆମର ମୁଖ୍ୟ ମଣ୍ଡଳୀ, ଶାଖା ମଣ୍ଡଳୀ ଓ ସେଗୁଡ଼ିକର ବିଶ୍ୱାସୀମାନଙ୍କ ନିମନ୍ତେ ।

ଜାନୁୟାରୀ ୨୩ ⇨ ନିୟମିତ ଭାବରେ ଥିଓଲୋଜିକାଲ୍ ଶିକ୍ଷାଧିବେଶନ ଚଳାଇବା ପାଇଁ ସାମର୍ଥ୍ୟ ଦେଇଥିବାରୁ ।

ଜାନୁୟାରୀ ୨୪ ⇨ ଆମର ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀଗୁଡ଼ିକରେ ବଡଦିନ ଓ ନୂତନ ବର୍ଷକୁ ଏକ ଅର୍ଥପୂର୍ଣ୍ଣ ଓ ପ୍ରଭାବଶାଳୀ ମାର୍ଗରେ ପାଳନ କରିବା ନିମନ୍ତେ ସୁଯୋଗ ଦେଇ ଥିବାରୁ ।

ଜାନୁୟାରୀ ୨୫ ⇨ ଆମର ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲ, ନିହିମିୟା ବାଇବଲ କଲେଜ ଓ ଥିଓଲୋଜିକାଲ୍ କରେସ୍‌ପଣ୍ଡେସ୍ ପାଠକ୍ରମର ସମସ୍ତ କାର୍ଯ୍ୟକଳାପ ନିମନ୍ତେ ।

ଜାନୁୟାରୀ ୨୬ ⇨ ବହୁମୁଖୀ ସେବାକାର୍ଯ୍ୟ ମାଧ୍ୟମରେ ସୁସମାଚାର ପ୍ରସାର ପାଇଁ ଆମ ବରିଷ୍ଠ ପାଳକଙ୍କର ପ୍ରତିବଦ୍ଧତା ନିମନ୍ତେ ।

ଜାନୁୟାରୀ ୨୭ ⇨ ସୁସମାଚାର ଜାଣି ନ ଥିବା ଲୋକମାନଙ୍କ ନିକଟରେ ପହଞ୍ଚିବା ପାଇଁ ଆମର ୫ ମିନିଟ୍‌ର ୟୁ-ଟ୍ୟୁବ୍ ବାର୍ତ୍ତା ଉପରେ ଆଶୀର୍ବାଦ କରିଥିବାରୁ ।

ଜାନୁୟାରୀ ୨୮ ⇨ ଆମ ଛାପାକଳରେ ଛପା ହୋଇ ମିଶନ କ୍ଷେତ୍ରଗୁଡ଼ିକୁ ପ୍ରେରଣ କରାଯାଉଥିବା ଆମର ୧୬ଟି ଭାଷାର ପତ୍ରିକା ଉପରେ ଆଶୀର୍ବାଦ କରିଥିବାରୁ ।

ଜାନୁୟାରୀ ୨୯ ⇨ ଆମର 'ଆହ୍ୱାନର ପ୍ରତିଧ୍ୱନି'ର କର୍ମଚାରୀ ଓ ସେମାନଙ୍କ ପରିବାରଗୁଡ଼ିକ ଉତ୍ତମ ସ୍ୱାସ୍ଥ୍ୟ ଓ ସ୍ୱର୍ଗୀୟ ସୁରକ୍ଷା ଦେଇଥିବାରୁ ।

ଜାନୁୟାରୀ ୩୦ ⇨ ଆମର ସଂଯୋଜକ, ମିଶନେରୀ ଓ ସେମାନଙ୍କ ପରିବାରଗୁଡ଼ିକ ଉପରେ ଆଶୀର୍ବାଦ କରିଥିବାରୁ ।

ଜାନୁୟାରୀ ୩୧ ⇨ ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀଗୁଡ଼ିକର ପାଳକ ଓ ବରିଷ୍ଠ ନେତାମାନଙ୍କୁ ଆଶୀର୍ବାଦ କରିଥିବାରୁ ।

ଫେବୃୟାରୀ ୧ ⇨ ଆମ ଡାକ୍ତରଖାନା ସେବାକାର୍ଯ୍ୟରେ ଈଶ୍ୱରଙ୍କର ଆଶ୍ଚର୍ଯ୍ୟକର୍ମ ନିମନ୍ତେ ।

ଫେବୃୟାରୀ ୨ ⇨ ଆମ ମୁଖ୍ୟ ମଣ୍ଡଳୀରେ ପୁରୁଷ ମାନଙ୍କର ସଭାକୁ ଆଶୀର୍ବାଦ କରିଥିବାରୁ ।

ଫେବୃୟାରୀ ୩ ⇨ ଆମର ଗ୍ଲୋବାଲ୍ ଫର୍ ୟୁଥ୍ ଏଣ୍ଡ କିଡ୍ କେୟାର ସେବାକାର୍ଯ୍ୟକୁ ଆଶୀର୍ବାଦ କରିଥିବାରୁ ।

## ଦୟାକରି ପ୍ରାର୍ଥନା କରନ୍ତୁ

ଫେବୃୟାରୀ ୪ ⇨ ପୃଥିବୀର ସମସ୍ତ ଦେଶରୁ ନୂତନ ନୂତନ ସଂକ୍ରମିତ ରୋଗ ଦୂର କରିବା ପାଇଁ ।

ଫେବୃୟାରୀ ୫ ⇨ 'ଆହ୍ୱାନର ପ୍ରତିଧ୍ୱନି'ର ଯୁବ ଓ ପ୍ରଚାର ସେବାକାର୍ଯ୍ୟ ପାଇଁ ।

ଫେବୃୟାରୀ ୬ ⇨ ଏହି ବର୍ଷ ''ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ'' ନିମନ୍ତେ ଆବଶ୍ୟକୀୟ ଅର୍ଥ ଯୋଗାଇବା ନିମନ୍ତେ ।

ଫେବୃୟାରୀ ୭ ⇨ ସମଗ୍ର ପୃଥିବୀର ମହିଳା ଓ ଶିଶୁମାନଙ୍କର ସୁରକ୍ଷା ନିମନ୍ତେ ।

ଫେବୃୟାରୀ ୮ ⇨ ମିଶନେରୀ ଓ ଈଶ୍ୱରଙ୍କ ଦାସମାନଙ୍କ ବିରୁଦ୍ଧରେ ହିଂସାଚରଣ ଯେପରି ବନ୍ଦ ହେବ ।

ଫେବୃୟାରୀ ୯ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍ ସେଲ୍‌ଭାରାଜ ଓ ତାଙ୍କ ପରିବାର ଯେପରି ସମସ୍ତ ପ୍ରକାର ମନ୍ଦ ଶକ୍ତିରୁ ସୁରକ୍ଷିତ ରହିବେ ।

ଫେବୃୟାରୀ ୧୦ ⇨ ଇସ୍ରାଏଲ, ପାଲେଷ୍ଟାଇନ୍, ଋଷିଆ ଓ ୟୁକ୍ରେନ୍‌ରେ ଶାନ୍ତି ସ୍ଥାପନ ପାଇଁ ।

ଫେବୃୟାରୀ ୧୧ ⇨ ସରକାରୀ ପରୀକ୍ଷା ନିମନ୍ତେ ପ୍ରସ୍ତୁତ ହେଉଥିବା ଛାତ୍ର ଛାତ୍ରୀମାନଙ୍କ ପାଇଁ ।

ଫେବୃୟାରୀ ୧୨ ⇨ ଆମର ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲର ଓ ନିହିମିୟା ବାଇବଲ କଲେଜର ଛାତ୍ରମାନଙ୍କର ସୁରକ୍ଷା ନିମନ୍ତେ ।

ଫେବୃୟାରୀ ୧୩ ⇨ ଆମ କାର୍ଯ୍ୟାଳୟ ଓ ଛାପାକଳର କର୍ମଚାରୀମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ।

ଫେବୃୟାରୀ ୧୪ ⇨ ଆମର ସହଯୋଗୀ ସଂପାଦକ ଓ ସେମାନଙ୍କ ପରିବାର ସଦସ୍ୟମାନଙ୍କ ନିମନ୍ତେ ।

ଫେବୃୟାରୀ ୧୫ ⇨ ଈଶ୍ୱର ଯେପରି ଆମକୁ ପୃଥିବୀରେ ତାଙ୍କ ରାଜ୍ୟର ନିର୍ମାଣ ନିମନ୍ତେ ସ୍ଥିର ଦର୍ଶନ ପ୍ରଦାନ କରିବେ ।

ଫେବୃୟାରୀ ୧୬ ⇨ ଅସୁସ୍ଥତା, ଦାରିଦ୍ର୍ୟ ଓ କ୍ଷୁଧା ଭୋଗୁଥିବା ଲୋକମାନଙ୍କ ନିମନ୍ତେ ।

ଫେବୃୟାରୀ ୧୭ ⇨ ପ୍ରତ୍ୟେକ ମଦ୍ୟପ ଓ କୁକର୍ମକାରୀମାନେ ଯେପରି ଅନୁତପ୍ତ ହେବେ ।

ଫେବୃୟାରୀ ୧୮ ⇨ ସମଗ୍ର ପୃଥିବୀରେ ଶାନ୍ତି ନିମନ୍ତେ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

**ଭରସା ଦେବା ନିମନ୍ତେ ସେସବୁ ଅମଙ୍ଗଳର ନୁହେଁ, ମଙ୍ଗଳର ସଂକଳ୍ପ ଅଟେ’’ (ଯିରିମିୟ ୨୯:୧୧) ।**

ଯୋଷେଫ ନିଜ ଭାଇମାନଙ୍କ ଦ୍ୱାରା ପରିତ୍ୟକ୍ତ ହୋଇ, ଗର୍ତ୍ତ ଭିତରେ ନୈରାଶ୍ୟ ଅନୁଭବ କରିଥିବେ । ସେ ହୁଏତ ଭାବିଥିବେ, ‘‘ମୋ’ ନିମନ୍ତେ କୌଣସି ଭବିଷ୍ୟତ୍ ନାହିଁ ।’’ ମିଶରର ଜଣେ ପ୍ରମୁଖ ବ୍ୟକ୍ତିଙ୍କର ପତ୍ନୀଙ୍କ ପ୍ରତି ଅସଦାଚରଣ କରିବାର ମିଥ୍ୟା ଅଭିଯୋଗରେ ଦଣ୍ଡିତ ହୋଇ, କାରାଗାର ମଧ୍ୟରେ, ସେ କିପରି ଦୁଃଖରେ ବସିଥିବେ, ତାହା କଳ୍ପନା କରନ୍ତୁ । ଉଦ୍ଧାରର ସମ୍ଭାବନା ଅସମ୍ଭବ ମନେହେଉଥିଲା । ପୋଟୀଫରଙ୍କ ଭଳି ଶକ୍ତିଶାଳୀ ବ୍ୟକ୍ତିଙ୍କ ସମ୍ମୁଖରେ କିଏ ଠିଆ ହୋଇ ପାରିଥା’ନ୍ତା ?

ମାତ୍ର, ଯୋଷେଫଙ୍କର କ୍ଳେଶ ମଧ୍ୟରେ ଈଶ୍ୱର କାର୍ଯ୍ୟରତ ଥିଲେ । ଅପ୍ରତ୍ୟାଶିତ ପରିସ୍ଥିତି ମାଧ୍ୟମରେ, ଈଶ୍ୱର ଯୋଷେଫଙ୍କୁ ଉଚ୍ଚୀକୃତ କରି, ତାଙ୍କର ମସ୍ତକକୁ ଉନ୍ନତ କରିବା ପାଇଁ ଫାରୋଙ୍କୁ ବ୍ୟବହାର କରିଥିଲେ । ମାତ୍ର ଏହି ପରିବର୍ତ୍ତନ ରାତାରାତି ଘଟି ନ ଥିଲା । ଏହି ସମସ୍ତ ମଧ୍ୟରେ, ଯୋଷେଫ ଈଶ୍ୱରଙ୍କଠାରେ ସଂପୂର୍ଣ୍ଣ ବିଶ୍ୱାସ କରିବା ଶିକ୍ଷା କରିଥିଲେ ।

ଈଶ୍ୱର ଆଜି ମଧ୍ୟ ସମାନ ଅଟନ୍ତି । ସେ ଆପଣଙ୍କୁ ଉଠାଇବା ପାଇଁ ଓ ଆପଣଙ୍କର ଆଶାକୁ ଫେରାଇ ଆଣିବା ପାଇଁ ଆପଣଙ୍କ ଜୀବନ ମଧ୍ୟକୁ ସଠିକ୍ ଲୋକଙ୍କୁ ଆଣିପାରନ୍ତି । ମନେରଖନ୍ତୁ, ସେ ଗୌରବ ଓ ଆପଣଙ୍କର ମସ୍ତକ ଉତ୍ତୋଳନକାରୀ ଅଟନ୍ତି । ଆପଣଙ୍କର ପରିସ୍ଥିତି ଯେତେ ଶୋଚନୀୟ କିମ୍ବା ଆପଣଙ୍କର ଆଗାମୀ ପଥ ଯେତେ ଅସମ୍ଭବ ମନେ ହେଉଥିଲେ ସୁଦ୍ଧା, ଆପଣଙ୍କର ସୃଷ୍ଟିକର୍ତ୍ତାଙ୍କଠାରେ ବିଶ୍ୱାସ କରନ୍ତୁ । ଆପଣଙ୍କର ମାଗିବା କିମ୍ବା କଳ୍ପନା କରିବା ଅପେକ୍ଷା ସେ ବହୁଗୁଣରେ ଅଧିକ କାର୍ଯ୍ୟ କରିପାରନ୍ତି ।


## ୩. ଆପଣଙ୍କର ଯୋଗାଣ କର୍ତ୍ତାଙ୍କୁ ସ୍ମରଣ କରନ୍ତୁ

**‘‘ପୁଣି ତୁମ୍ଭେ ଆପଣା ମନେ ମନେ କହିବ, ଆମ୍ଭର ପରାକ୍ରମ ଓ ବାହୁବଳ ଏହିସବୁ ଐଶ୍ୱର୍ଯ୍ୟ ଲାଭ କରିଅଛି । ମାତ୍ର ତୁମ୍ଭେ ସଦାପ୍ରଭୁ ଆପଣା ପରମେଶ୍ୱରଙ୍କୁ ସ୍ମରଣ କରିବ, କାରଣ ସେ ତୁମ୍ଭ ପୂର୍ବପୁରୁଷମାନଙ୍କ ନିକଟରେ ଆପଣାର ଯେଉଁ ନିୟମ ବିଷୟରେ ଶପଥ କରିଥିଲେ, ତାହା ସେ ଆଜି ଦିନ ପରି ସ୍ଥିର କରିବା ପାଇଁ ତୁମ୍ଭକୁ ଐଶ୍ୱର୍ଯ୍ୟ ପାଇବାର ସାମର୍ଥ୍ୟ ଦେଲେ’’ (ଦ୍ୱିତୀୟ ବିବରଣ ୮:୧୭,୧୮) ।**

ଦ୍ୱିତୀୟ ବିବରଣ ୮ ବାଇବଲରେ ମୋର ଗୋଟିଏ ଅତି ପ୍ରିୟ ଅନୁଚ୍ଛେଦ ଅଟେ । ଆମ ନିକଟରେ ଯାହାସବୁ ଅଛି, ସେଗୁଡ଼ିକ ସମ୍ବନ୍ଧରେ ଏହା ଏକ ପ୍ରଭାବଶାଳୀ ସ୍ମାରକ ଭାବରେ କାର୍ଯ୍ୟ କରେ, ଯଥା – ବଳ, ଶକ୍ତି, ଜ୍ଞାନ ଓ ସଫଳତା, ଏସବୁ ଈଶ୍ୱରଙ୍କଠାରୁ ଆସେ । ଈଶ୍ୱର ଆମକୁ ଆମର ସାମର୍ଥ୍ୟ ବିଷୟରେ ଗର୍ବ ନ କରିବାକୁ କିମ୍ବା ଆମର ଆବଶ୍ୟକତାଗୁଡ଼ିକୁ ପୂରଣ କରୁଥିବା ଈଶ୍ୱରଙ୍କୁ ନ ଭୁଲିବାକୁ ସତର୍କ କରି ଦେଇଛନ୍ତି ।

ଏହି ପଦଟି ଆମର ଆଭ୍ୟନ୍ତରୀଣ ଚିନ୍ତାଗୁଡ଼ିକ ବିଷୟରେ ମଧ୍ୟ କହିଛି, ଯଥା – ‘‘ତୁମ୍ଭେ ଆପଣା ମନେ ମନେ କହିବ ...।’’ ଈଶ୍ୱର ଏହା ବୁଝନ୍ତି ଯେ ବେଳେବେଳେ ଆମର ଉଦ୍ଦେଶ୍ୟ ଓ କାର୍ଯ୍ୟ ସମ୍ମିଳିତ ହୁଏ ନାହିଁ । ସେଥିପାଇଁ ଏହି ସତର୍କବାଣୀ କେବଳ ଆମର ବାକ୍ୟ ନୁହେଁ, ମାତ୍ର ଆମ ହୃଦୟର ଚିନ୍ତା ପ୍ରତି ମଧ୍ୟ ଉଦ୍ଦିଷ୍ଟ ଅଟେ ।

ଆପଣ ଏହି ବର୍ଷ ମଧ୍ୟକୁ ଅଗ୍ରସର ହେଉଥିବା ସମୟରେ, ଈଶ୍ୱର ଯେପରି ପ୍ରତ୍ୟେକ ପରିସ୍ଥିତିରେ ଆପଣଙ୍କର ଯୋଗାଣକର୍ତ୍ତା ହୋଇ ରହିବେ, ଏହା ଆପଣଙ୍କର ପ୍ରାର୍ଥନା ହେଉ ।



**ପାଞ୍ଚଟି ରୋଟୀ ଓ ଦୁଇଟି ମାଛ ଯଥେଷ୍ଟ ଖାଦ୍ୟ**

ମନେରଖନ୍ତୁ, ଯେଉଁ ଈଶ୍ୱର ପାଞ୍ଚଟି ରୋଟୀ ଓ ଦୁଇଟି ମାଛ ଦ୍ୱାରା ୫୦୦୦ ଲୋକଙ୍କୁ ଭୋଜନ କରାଇ ଥିଲେ, ସେ ଆପଣଙ୍କର ଆବଶ୍ୟକତା ପୂରଣ ନିମନ୍ତେ ଯଥେଷ୍ଟରୁ ଅଧିକ ଅଟନ୍ତି ।

ଆପଣ ହୁଏତ ଅତି ଗୁରୁତ୍ୱପୂର୍ଣ୍ଣ ଆହ୍ୱାନଗୁଡ଼ିକ ସହିତ ଏହି ବର୍ଷଟିକୁ ଆରମ୍ଭ କରୁଛନ୍ତି – ଆପଣଙ୍କର ପରିବାରକୁ କିପରି ଚଳାଇବେ କିମ୍ବା ଆପଣଙ୍କ ପରିବାରର ଆବଶ୍ୟକତାଗୁଡ଼ିକୁ କିପରି ପୂରଣ କରିବେ ବୋଲି ଅନିଶ୍ଚିତ ଅଛନ୍ତି । ଈଶ୍ୱରଙ୍କର ଭରସାଦାୟକ ପ୍ରତିଜ୍ଞା ଆପଣଙ୍କ ହୃଦୟରେ ପ୍ରତିଧ୍ୱନିତ ହେଉ : ‘‘ଆମ୍ଭେ ତୁମ୍ଭର ଯୋଗାଣକର୍ତ୍ତା ଅଟୁ । ଭୟ କର ନାହିଁ କିମ୍ବା ନିରାଶ ହୁଅ ନାହିଁ । ଯଦି, ଆମ୍ଭେ ଜଣେ ବିଧବା ଓ ତା’ର ପୁତ୍ରକୁ ସମଗ୍ର ଦୁର୍ଭିକ୍ଷକାଳରେ ଅଳ୍ପ ଟିକିଏ ମଇଦା ଓ ତେଲ ଦ୍ୱାରା ବଞ୍ଚାଇ ରଖି ପାରିଥିଲୁ, ତେବେ ଆମ୍ଭେ ତୁମ୍ଭକୁ ମଧ୍ୟ ତୁମ୍ଭର ଆବଶ୍ୟକୀୟ ବିଷୟ ଯୋଗାଇ ପାରିବୁ ।’’

## ୪. ଆପଣଙ୍କର ବିଶ୍ରାମ ବାରକୁ ସ୍ମରଣ କରନ୍ତୁ



**ନୂତନ ନିୟମ ଖ୍ରୀଷ୍ଟିଆନମାନେ ପାରାଂପାରିକ ଭାବେ ରବିବାର ପାଳନ କରନ୍ତି ।**

ବିଶ୍ରାମବାର, ପ୍ରାୟତଃ, ଏକ ବିବାଦୀୟ ବିଷୟ ଅଟେ । ମୁଁ ସ୍ୱୀକାର ଯେ ରବିବାର ସପ୍ତମ ଦିନ ଅଟେ,

(ଅବଶିଷ୍ଟାଂଶ ୮ମ ପୃଷ୍ଠାରେ)

ନିହିମିଆ ବାଇବଲ ଆବାସିକ ମହାବିଦ୍ୟାଳୟ
Chepauk & Santhoshapuram, Velachery Chennai. ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ !
ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ
ECHO OF HIS CALL 1969-2019 GOLDEN JUBILEE
REACHING NATIONS
ଥିଓଲୋଜିରେ ଡିପ୍ଲୋମା
ମାଧ୍ୟମ ~ ହିନ୍ଦୀ (Residential) Sponsorship Available
ମାଧ୍ୟମ ~ ତାମିଲ (Part Time)
ଯୋଗାଯୋଗ
Contact : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org
✶ ONLINE CLASSES ARE AVAILABLE ✶
ବିଗତ ୫୫ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ବାଇବଲ କୋର - ପତ୍ର ମାଧ୍ୟମରେ ବାଇବଲ ପାଠ୍ୟକ୍ରମ, ଇଂରାଜୀ, ହିନ୍ଦୀ ଓ ତାମିଲ ।
୩. ଆହ୍ୱାନର ପ୍ରତିଧ୍ୱନି ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୪. ନିହିମିୟା ବାଇବଲ ମହାବିଦ୍ୟାଳୟ (ତିନୋଟି କେନ୍ଦ୍ର) ।
୫. ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୬. ମହାଆଦେଶ ସାଥୀଗଣ ।
୭. ତାଲିମ କାର୍ଯ୍ୟକ୍ରମ ।
୮. ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ଓ ବଣ୍ଟନ ।
୧୦. ସୁସମାଚାର ଛାପା କଳ - ପ୍ରକାଶନ ।
୧୧. ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ-ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ - ରବିବାର ସକାଳ ଘ. ୮.୩୦ ମିନିଟ୍ ଓ ଅପରାହ୍ନ ୪.୦୦ ଘଟିକା ।
୧୩. ତାମିଲ ଉପାସନା - ରବିବାର ସକାଳ ୮.୦୦ ଓ ସକାଳ ୧୦.୦୦ ।
୧୪. ହିନ୍ଦୀ ଉପାସନା - ରବିବାର ଅପରାହ୍ନ ଘ. ୪.୦୦ ।
୧୫. ତେଲୁଗୁ ପ୍ରାର୍ଥନା ସଭା - ରବିବାର ସନ୍ଧ୍ୟା ଘ. ୫.୦୦ ।
୧୬. ଇଂରାଜୀ ଓ ତାମିଲ ଉପାସନା ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୧୭. ମହିଳାମାନଙ୍କର ପ୍ରାର୍ଥନା ସଭା - ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୧୮. ପୁରୁଷମାନଙ୍କର ପ୍ରାର୍ଥନା ସଭା - ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୧୯. କର୍ମଚାରୀମାନଙ୍କର ସଭା - ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୦. ଗୃହ ସଭା - ସୋମବାର, ମଙ୍ଗଳବାର, ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୧. ବିଶେଷ ପ୍ରଭୁଭୋଜ - ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ଘ. ୫.୩୦ ମିନିଟ୍ ।
୨୨. କର୍ମଚାରୀମାନଙ୍କ କାର୍ଯ୍ୟର ପୁନଃ ବିଚାର - ପ୍ରଥମ ଶନିବାର ସନ୍ଧ୍ୟା ୫.୩୦ ।
୨୩. ପିତାମାତାଙ୍କର ପ୍ରାର୍ଥନାସଭା - ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୨୪. ରାତ୍ରି ପ୍ରାର୍ଥନା - ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୨୫. ଉପବାସ ପ୍ରାର୍ଥନା - ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୨୬. ପବିତ୍ର ପ୍ରଭୁଭୋଜ - ଦ୍ୱିତୀୟ ରବିବାର ଉପାସନା ।
୨୭. ପ୍ରାତଃ ଉପାସନା - ପ୍ରତିଦିନ ସକାଳ ଘ. ୫.୩୦ ମିନିଟ୍ ।
୨୮. କର୍ମଚାରୀମାନଙ୍କର ଉପାସନା - ପ୍ରତିଦିନ ସକାଳ ଘ. ୯.୦୦ ।
୨୯. କାର୍ଯ୍ୟାଳୟ - ପ୍ରତିଦିନ ସକାଳ ଘ. ୯.୦୦ମି ଠାରୁ ରାତ୍ର ୯.୦୦ (ରବିବାର ବ୍ୟତୀତ)

## କେବଳ ଭାରତର ପ୍ରାର୍ଥୀମାନଙ୍କ ପାଇଁ ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ-ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ - ୭୬ ପୃଷ୍ଠା ଓ ତାମିଲ୍‌ରେ - ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ - "ଆପଣଙ୍କ ନିମନ୍ତେ ନୂତନ ଜୀବନ" ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ - ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟି ଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ**

**The Chairman, Nehemiah Bible College,**
Echo of His Call, Post Box 2957
CHEPAUK, CHENNAI - 600 005.
Ph.: (044) 2852 8282, 2852 9293, 2854 7766,
Cell : 98410 71852, 95661 31858
E.mail : biblecor@yahoo.co.in

## ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମୀୟମାନଙ୍କର ଠିକଣା ଡାକ, ପତ୍ର, ଇ-ମେଲ, ହ୍ୱାଟସ୍-ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ "ଆହ୍ୱାନର ପ୍ରତିଧ୍ୱନି" ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## କର ରିହାତି

**"Echo of His Call Educational Trust"** କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ - **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| Account Name | : | ECHO OF HIS CALL EDUCATIONAL TRUST |
| Account Number | : | 1023 2923 805 |
| Bank Name | : | STATE BANK OF INDIA |
| Branch | : | TRIPLICANE, CHENNAI - 600 005 |
| IFSC Code | : | SBIN 0000249 |
| SWIFT Code | : | SBI NIN BB 455 |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

### (ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

**"ଯେଉଁମାନେ ସଦାପ୍ରଭୁଙ୍କର ଅନ୍ୱେଷଣ କରନ୍ତି, ସେମାନଙ୍କର କୌଣସି ମଙ୍ଗଳ ବିଷୟର ଅଭାବ ହେବ ନାହିଁ"** (ଗୀତସଂହିତା ୩୪:୧୦) ।

...Those who seek the LORD shall not lack any good thing. – Psalm 34:10.

୧୯୬୯ରେ, ଯେଉଁ ସମୟରେ ଆମେ **"ଆହ୍ୱାନର ପ୍ରତିଧ୍ୱନି"** ସେବାକାର୍ଯ୍ୟ ଆରମ୍ଭ କଲୁ, ସେହି ସମୟଠାରୁ, ଆମର ବହୁମୁଖୀ ସେବାକାର୍ଯ୍ୟ ପାଇଁ ଆମେ ଅର୍ଥର ଆବଶ୍ୟକ କରୁଥିଲୁ । ଆମେ କର୍ମଚାରୀମାନଙ୍କର ଦରମା, ଛାପା କାଗଜ, ଡାକ ଖର୍ଚ୍ଚ, ଟେଲିଫୋନ ଖର୍ଚ୍ଚ, ବିଦ୍ୟୁତ୍ ଶୁଳ୍କ, ଘରଭଡ଼ା, ପରିବହନ, ଦାତବ୍ୟ କାର୍ଯ୍ୟ, ଇତ୍ୟାଦି ନିମନ୍ତେ ଅର୍ଥ ଆବଶ୍ୟକ କରୁଥିଲୁ ।

ବ୍ୟକ୍ତିଗତ ଭାବରେ, ପ୍ରଭୁ ଯୀଶୁ ଖ୍ରୀଷ୍ଟ ମୋ' ନିମନ୍ତେ ଯଥେଷ୍ଟ ଅଟନ୍ତି । ମୁଁ ଅର୍ଥ ଆଶାରେ ଆଜି ପର୍ଯ୍ୟନ୍ତ କେବେ କାହାର ଦ୍ୱାର କିମ୍ବା କାର୍ଯ୍ୟାଳୟ ନିକଟକୁ ଯାଇ ନାହିଁ । ଏପରିକି ଅର୍ଥ ସାହାଯ୍ୟ ପାଇଁ, ମୁଁ କେବେ ମୋର ବନ୍ଧୁ, ଏପରିକି ମୋ' ମଣ୍ଡଳୀର ସଦସ୍ୟମାନଙ୍କ ନିକଟକୁ ମଧ୍ୟ ଯାଇ ନାହିଁ । ମାତ୍ର ବର୍ତ୍ତମାନ ପର୍ଯ୍ୟନ୍ତ, ମୋର ଆହ୍ୱାନକର୍ତ୍ତା ପ୍ରଭୁ ତାଙ୍କର ନିଜସ୍ୱ ମାର୍ଗ ଓ ସମୟରେ ଆଶ୍ଚର୍ଯ୍ୟଜନକ ଭାବରେ ମୋର ସମସ୍ତ ଆବଶ୍ୟକତା ପୂରଣ କରିଛନ୍ତି ।

ଅଭାବ ଓ ଅସୁବିଧା ସମୟରେ, ମୁଁ ପରିସ୍ଥିତିଗୁଡ଼ିକୁ "ମୋର ସହିବାର ସମୟ" ଭାବରେ, "ପ୍ରାର୍ଥନା କରିବା ପାଇଁ ଈଶ୍ୱର ମୋତେ ବାଧ୍ୟ କରୁଥିବାର ସମୟ" ଭାବରେ ଓ "ପ୍ରାର୍ଥନାରେ ଈଶ୍ୱରଙ୍କ ସହିତ ଏକ ଉତ୍ତମତର ସଂପର୍କ ରଖିବାର ସମୟ" ଭାବରେ ଦେଖିଛି । ଏହି ଅନୁଭୂତିଗୁଡ଼ିକ ପରେ, ମୁଁ ମହାଶ୍ଚର୍ଯ୍ୟ କର୍ମର ଅନୁଭୂତି ପାଇଅଛି । ଈଶ୍ୱର ମୋର ଅଜ୍ଞାତ ଲୋକମାନଙ୍କୁ ମୋତେ ସାହାଯ୍ୟ କରିବା ପାଇଁ ଉଠାଇ ଅଛନ୍ତି । ଅନେକ ଥର ଈଶ୍ୱର ମୋତେ ଓ ମୋର ପରିବାରକୁ ଅଜ୍ଞାତ ଲୋକମାନଙ୍କ ମାଧ୍ୟମରେ ଭୋଜନ କରାଇଛନ୍ତି ।

୧୯୭୫ରେ, ଯେଉଁ ବାପୁଜୀ ପ୍ରେସ୍‌ରେ ମୁଁ ଆମର **"ଆହ୍ୱାନର ପ୍ରତିଧ୍ୱନି"** ପତ୍ରିକା ଛପାଉ ଥିଲି, ସେହି ପ୍ରେସ୍‌କୁ ମୋତେ ୩୦୦ ଟଙ୍କା ଦେବାର ଥିଲା । ମୋ' ହାତରେ ଟଙ୍କା ନ ଥିବାରୁ, ଟଙ୍କା ପରିଶୋଧରେ ବିଳମ୍ବ ହେଲା । ଗୋଟିଏ ନିର୍ଦ୍ଦିଷ୍ଟ ଗୁରୁବାରରେ, ମୁଁ ଆଗାମୀ ସୋମବାର ଟଙ୍କା ପରିଶୋଧ କରିବି ବୋଲି ସେହି ପ୍ରେସ୍‌ର ମ୍ୟାନେଜରଙ୍କୁ କହିଲି । ମାତ୍ର ମୋ' ନିକଟରେ ଆଉର କୌଣସି ପନ୍ଥା ନ ଥିଲା । ମୁଁ ମୋର ଆବଶ୍ୟକତା ବିଷୟରେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରି, ଶାନ୍ତିରେ ରହିଲି । ମୁଁ ଆଗାମୀ ରବିବାର ପର୍ଯ୍ୟନ୍ତ ଆବଶ୍ୟକୀୟ ଟଙ୍କା ପାଇ ନ ଥିଲି ।

ସୋମବାର ସକାଳେ, ଯେତେବେଳେ ମୁଁ ଡ଼ାକ ଅଫିସରେ ମୋର ଡାକ ବାକ୍ସ ଖୋଲିଲି, ସେତେବେଳେ ମୁଁ ଦକ୍ଷିଣ ଭାରତର ମଦୁରାଇ ଓ ଟୁଟିକୋରିନ୍ ମଧ୍ୟରେ ଅବସ୍ଥିତ ଗୋଟିଏ ଛୋଟ ଗ୍ରାମ, ନାଗଲପୁରମ୍‌ରୁ ଆସିଥିବା ଗୋଟିଏ ଲଫାପା ପାଇଲି । ତା' ଭିତରେ ଗୋଟିଏ ୩୦୦ ଟଙ୍କାର ବ୍ୟାଙ୍କ୍ ଡିମାଣ୍ଡ ଡ୍ରାଫ୍ଟ (ଯାହା Crossed ହୋଇ ନ ଥିଲା) ରହିଥିଲା । ସେହି ଦିନ ପାଇଁ ସେହି ଟଙ୍କା ଯଥେଷ୍ଟ ଥିଲା । ଈଶ୍ୱର ମୋର ପ୍ରତିଜ୍ଞାନୁସାରେ ପ୍ରେସ୍‌ର ବକେୟା ଅର୍ଥ ପରିଶୋଧ କରିବା ପାଇଁ ମୋତେ ସାମର୍ଥ୍ୟ ଦେଇଥିଲେ । ଈଶ୍ୱରଙ୍କର ଗୌରବ ହେଉ ।

ଅନେକ ବର୍ଷ ପରେ, ମୁଁ ନାଗଲପୁରମରେ ଥିବା ସେହି ବ୍ୟକ୍ତିଙ୍କୁ ସାକ୍ଷାତ୍ କରିବାକୁ ଯାଇଥିଲି, ମୁଁ ଏହା ଜାଣି ଆଶ୍ଚର୍ଯ୍ୟ ହୋଇଥିଲି ଯେ ସେ ଗୋଟିଏ ଦରିଦ୍ର ମୋଚୀ ଥିଲେ ।



ସେ ମୋତେ ଦେଖି ଅତି ଖୁସି ହୋଇଥିଲେ । ସେ କହିଥିଲେ, "ମହାଶୟ, ସେହି ନିର୍ଦ୍ଦିଷ୍ଟ ଗୁରୁବାର, ମୁଁ ଅନୁଭବ କରିଥିଲି ଯେ କେହି ଜଣେ "ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ"କୁ ୩୦୦ ଟଙ୍କା ପଠାଇବା ପାଇଁ ମୋ' ହୃଦୟକୁ ବାଧ୍ୟ କରୁଥିଲେ । ସେହି ସମୟରେ ମୋ' ନିକଟରେ କେବଳ ସେତିକି ଟଙ୍କା ଥିଲା । ସେଥିପାଇଁ, ମୁଁ ଶୁକ୍ରବାର ସେହି ଟଙ୍କା ପଠାଇଥିଲି ଓ ଆପଣ ଏହାକୁ ସୋମବାର ପାଇଥିଲେ ।"

ଏହିପରି ଭାବରେ ପ୍ରଭୁ ଯୀଶୁ ଖ୍ରୀଷ୍ଟ ମୋ' ଜୀବନରେ ଆଶ୍ଚର୍ଯ୍ୟକର୍ମ ସାଧନ କରିଛନ୍ତି ।

ହଁ, ଏହା ଏକ କଷ୍ଟକର ପଥ ଅଟେ । ତଥାପି, ମୁଁ ପ୍ରତିଦିନ ଈଶ୍ୱରଙ୍କ ଗୌରବର ମହାନତାକୁ ଦେଖିବା ପାଇଁ ସମର୍ଥ ଅଟେ । ସଦାପ୍ରଭୁ ମୋର ପ୍ରତିପାଳକ । ମୋହର ଅଭାବ ହେବ ନାହିଁ ।

**"ଯେ ଜ୍ଞାନବାନ୍, ସେ ଏହିସବୁ ବିଷୟରେ ମନୋଯୋଗ କରିବ"** (ଗୀତସଂହିତା ୧୦୭:୪୩) ।

************

*(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)*

ମାତ୍ର ନୂତନ ନିୟମ ଖ୍ରୀଷ୍ଟିଆନମାନେ ପାରମ୍ପରିକ ଭାବରେ ରବିବାରକୁ, ଅର୍ଥାତ୍, ପ୍ରଭୁଙ୍କର ପୁନରୁତ୍ଥାନ ଦିନକୁ ଆମର ପବିତ୍ର ଦିନ ଭାବରେ ପାଳନ କରନ୍ତି । କିନ୍ତୁ, ମଧ୍ୟ-ପ୍ରାଚ୍ୟ ଦେଶଗୁଡ଼ିକରେ ଶୁକ୍ରବାରକୁ ପବିତ୍ର ଦିବସ ଭାବରେ ପାଳନ କରାଯାଏ । ଯଦି ଆପଣ ସେହି ଅଞ୍ଚଳଗୁଡ଼ିକ ମଧ୍ୟରେ କୌଣସିଟିରେ ବାସ କରିବେ, ତେବେ ଶୁକ୍ରବାର ଗୀର୍ଜାରେ ଯୋଗ ଦେବା ଏକ ଧାରାରେ ପରିଣତ ହେବ ।

ମୋର କହିବାର ଉଦ୍ଦେଶ୍ୟ ସରଳ ଅଟେ : ଆପଣ ବିଶ୍ରାମବାରକୁ ଶୁକ୍ରବାର, ଶନିବାର କିମ୍ବା ରବିବାର ପାଳନ କରନ୍ତୁ, କିନ୍ତୁ ଏହାକୁ ପବିତ୍ର ରଖିବା ପାଇଁ ସର୍ବଦା ସ୍ମରଣରେ ରଖନ୍ତୁ । ଧର୍ମଶାସ୍ତ୍ରରେ ଉଲ୍ଲେଖ ଅଛି, **"... ସଦାପ୍ରଭୁ ବିଶ୍ରାମ ଦିନକୁ ଆଶୀର୍ବାଦ କରି ପବିତ୍ର କରିଅଛନ୍ତି"** (ଯାତ୍ରା ୨୦:୧୧) । ଏହି ଆଜ୍ଞା ସେହି ଦିନ ଉପରେ ଈଶ୍ୱରଙ୍କର ପ୍ରାଧାନ୍ୟ ଦେବା ସମ୍ବନ୍ଧୀୟ ଅଟେ । ତାଙ୍କ ସହିତ ଅଧିକ ସମୟ କ୍ଷେପଣ କରନ୍ତୁ ଓ ସେହି ଦିନଟକୁ ଉପାସନା ଓ ଅନୁଚିନ୍ତନ ନିମନ୍ତେ ଉତ୍ସର୍ଗ କରନ୍ତୁ ।

କେତେ ଜଣ ବ୍ୟକ୍ତି ‘‘ବିଶ୍ରାମବାରରେ ବିଶ୍ରାମ ଦେବା’’ ବିଷୟକୁ ଗୀର୍ଜାରେ ଯୋଗ ଦେବା ପରିବର୍ତ୍ତେ ଶୋଇ ରହିବା କିମ୍ବା ବୁଲାବୁଲି କରିବା ଅର୍ଥରେ ଗ୍ରହଣ କରନ୍ତି । ମାତ୍ର ପ୍ରିୟ ବନ୍ଧୁଗଣ, ମୁଁ ବିନମ୍ରଭାବରେ ଆପଣମାନଙ୍କୁ କହୁଅଛି : ‘‘ଯାହା ଈଶ୍ୱରଙ୍କର ଅଟେ, ତାହା ଈଶ୍ୱରଙ୍କୁ ଦିଅନ୍ତୁ’’ । ଲେଖାଯାଇଛି, **‘‘ସେଥିରେ ସେ ସେମାନଙ୍କୁ କହିଲେ, ତେବେ କାଇସରଙ୍କର ଯାହା, ତାହା କାଇସରଙ୍କୁ ଦିଅ, ପୁଣି ଈଶ୍ୱରଙ୍କର ଯାହା, ତାହା ଈଶ୍ୱରଙ୍କୁ ଦିଅ’’ (ମାଥିଉ ୨୨:୨୧) ।** ସପ୍ତାହର ଗୋଟିଏ ଦିନ ଈଶ୍ୱରଙ୍କର ଅଟେ – ଏହା ତାଙ୍କଠାରୁ ହରଣ କରନ୍ତୁ ନାହିଁ ।

ଦୁର୍ଭାଗ୍ୟବଶତଃ, ଆମ ମଧ୍ୟରୁ ଅନେକ ଲୋକ ସେମାନଙ୍କର ଅଗ୍ରାଧିକାରଗୁଡ଼ିକୁ ଓଲଟାଇ ଦେଇଛନ୍ତି । ଆମେ ଈଶ୍ୱରଙ୍କୁ ଆମର ବଳକା ସମୟ ଦେଉଛୁ ଓ କେବଳ ଆମ କାର୍ଯ୍ୟ କିମ୍ବା ବ୍ୟକ୍ତିଗତ କର୍ତ୍ତବ୍ୟ ଶେଷ ହେବା ପରେ ତାଙ୍କ ନିକଟକୁ ଆସୁଛୁ । ଆମେ ଏହି କାରଣ ଦେଖାଇ, ଏହାର ଯଥାର୍ଥତା ପ୍ରତିପାଦନ କରୁ, ଯଥା –

‘‘ମୋତେ କାର୍ଯ୍ୟ କରିବାକୁ ହେବ, ନଚେତ୍ କିଏ ମୋର ଖର୍ଚ୍ଚ ବହନ କରିବ ?’’

‘‘ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ମୋତେ ରବିବାର ଶ୍ରେଣୀରେ ଯୋଗ ଦେବାକୁ ହେବ ।’’

‘‘ମୋତେ ଗୋଟିଏ ଖେଳରେ ଭାଗ ନେବାକୁ ଅଛି, ଈଶ୍ୱର ମୋତେ ବୃତ୍ତିଗତ ଭାବରେ ଖେଳିବା ପାଇଁ ଶକ୍ତି ଦେଇଛନ୍ତି ।’’

ଏହି କାରଣଗୁଡ଼ିକୁ ଅନିବାର୍ଯ୍ୟ ମନେ ହେଉଥିଲେ ସୁଦ୍ଧା, ଆମେ ନିଜ ନିଜକୁ ଏହା ପଚାରିବା ଆବଶ୍ୟକ : ଏହିସବୁ ମନୋନୟନରେ, ଆମେ କାହାକୁ ଗୌରବ ଦେଉଅଛୁ ?’’ ବାଇବଲରେ ଲେଖାଯାଏ, **‘‘ଅତଏବ ତୁମ୍ଭେମାନେ ... ଯାହା କିଛି କର, ଈଶ୍ୱରଙ୍କ ଗୌରବ ନିମନ୍ତେ ସବୁ କର’’ (୧ କରିନ୍ଥୀୟ ୧୦:୩୧) ।** ଆମେ କ’ଣ ପ୍ରକୃତରେ ତାଙ୍କୁ ଗୌରବ ଦେଉଅଛୁ ? ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଅଟେ ।

## ୫. ଆପଣ କେଉଁଠାରେ ପତିତ ହୋଇଛନ୍ତି ତାହା ସ୍ମରଣ କରନ୍ତୁ ।



**Repent and turn back to Me!**

ବାଇବଲ ଆମକୁ ଏକ ଗୁରୁତର ସତର୍କବାଣୀ ପ୍ରଦାନ କରିଛି :

**‘‘ଏଣୁ କେଉଁଠାରୁ ତୁମ୍ଭର ପତନ ହୋଇଅଛି, ତାହା ସ୍ମରଣ କରି ମନଃପରିବର୍ତ୍ତନ କର ଓ ଆଦ୍ୟ କର୍ମସବୁ କର, ନୋହିଲେ, ଯେବେ ମନଃ ପରିବର୍ତ୍ତନ ନ କର, ତେବେ ଆମ୍ଭେ ତୁମ୍ଭ ନିକଟକୁ ଆସି ତୁମ୍ଭର ପ୍ରଦୀପ ସ୍ୱସ୍ଥାନରୁ ଘୁଞ୍ଚାଇ ଦେବୁ’’ (ପ୍ରକାଶିତ ବାକ୍ୟ ୨:୫) ।**

ଏହି ବର୍ଷର ଆରମ୍ଭରୁ, ଆସନ୍ତୁ, ଆମେ ଆମ ଜୀବନକୁ ମୂଲ୍ୟାଙ୍କନ କରିବା ପାଇଁ ଟିକିଏ ଅଟକି ଯିବା । ଆପଣ କେଉଁଠାରେ ଉଣା ପଡ଼ିଛନ୍ତି ? ଆମେ କ’ଣ ଆରମ୍ଭ କରିବା, କେଉଁ କାର୍ଯ୍ୟ ବନ୍ଦ କରିବା କିମ୍ବା କେଉଁ କାର୍ଯ୍ୟକୁ ଭିନ୍ନ ଭାବରେ କରିବା ଆବଶ୍ୟକ ? ଈଶ୍ୱର, ବିଶେଷ ଭାବରେ, ବର୍ତ୍ତମାନ ହିଁ ତାଙ୍କ ନିକଟକୁ ଫେରି ଆସିବା ପାଇଁ କୋମଳ ଭାବରେ ଡାକୁଛନ୍ତି ।

ତାଙ୍କ ନିକଟକୁ ଆସନ୍ତୁ । ସେ ପ୍ରେମ ଓ ଭରସାରେ ପରିପୂର୍ଣ୍ଣ ହୋଇ, ଉନ୍ମୁକ୍ତ ବାହୁ ସହିତ ଅପେକ୍ଷା କରୁଛନ୍ତି । ଏପରିକି ଯେତେବେଳେ ଆମେ ତାଙ୍କ ପ୍ରେମ, ଦୟା କିମ୍ବା ଅନୁଗ୍ରହର ଅଯୋଗ୍ୟ ବୋଲି ଅନୁଭବ କରୁ, ସେତେବେଳେ ଏହାକୁ ସ୍ମରଣ କରନ୍ତୁ : ଆମେ ତାଙ୍କ ଅନୁଗ୍ରହ ଆବଶ୍ୟକ କରୁ ବୋଲି ଜାଣି ଯୀଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିଥିଲେ । ତାଙ୍କ ବିନା ଆମେ କିଛି କରିପାରିବା ନାହିଁ ।

ସେ ଆମର ପାପସବୁ କ୍ଷମା କରିବା ପାଇଁ ଓ ଆମର ଭଗ୍ନ ଖଣ୍ଡଗୁଡ଼ିକୁ ନେଇ କିଛି ନୂତନ ବିଷୟ ସୃଷ୍ଟି କରିବା ପାଇଁ ପ୍ରସ୍ତୁତ ଅଛନ୍ତି । ବାସ୍ତବ ପ୍ରଶ୍ନ ହେଉଛି : ଆମେ ଆମର ଭଙ୍ଗୁରତାକୁ ତାଙ୍କ ନିକଟରେ ସମର୍ପଣ କରି, ସେଥିରୁ କିଛି ସୁନ୍ଦର ବିଷୟ ନିର୍ମାଣ କରିବା ପାଇଁ ତାଙ୍କୁ ସୁଯୋଗ ଦେବା କି ?

ଆପଣ ପ୍ରଭୁଙ୍କଠାରେ ଏକ ଫଳପ୍ରଦ ଓ ସଫଳତାର ବର୍ଷ ପାଆନ୍ତୁ । ଆପଣ ତାଙ୍କ ପ୍ରେମ ଦ୍ୱାରା ଅନେକଙ୍କ ଜୀବନକୁ ସ୍ପର୍ଶ କରନ୍ତୁ ଓ ଆପଣଙ୍କ ଚତୁର୍ଦ୍ଦିଗସ୍ଥିତ ଜଗତରେ ଏକ ଭିନ୍ନତା ସୃଷ୍ଟି କରି, ତାଙ୍କର ଆଲୋକକୁ ପ୍ରକାଶ କରି ଚାଲନ୍ତୁ ।

************


## ଆମେ ଅତିଶୀଘ୍ର ଆବଶ୍ୟକ କରୁଅଛୁ

**ଆହ୍ୱାନର ପ୍ରତିଧ୍ୱନି କ୍ଷିପ୍ରଗତିରେ ସଂପ୍ରସାରିତ ହେଉଅଛି । ଆମେ ନିମ୍ନଲିଖିତ ପଦବୀଗୁଡ଼ିକ ନିମନ୍ତେ ମିଶନ–ମନୋଭାବ ବିଶିଷ୍ଟ, ସମର୍ପିତ ଓ ବିଶ୍ୱସ୍ତ ପୁରୁଷ ଓ ମହିଳାମାନଙ୍କୁ ଆବଶ୍ୟକ କରୁଅଛୁ :**

- ଆମର ମୁଖ୍ୟ ମଣ୍ଡଳୀ ନିମନ୍ତେ ସଂପୂର୍ଣ୍ଣ ସମୟ ସହଯୋଗୀ ପାଳକଗଣ ।
- ଚେନ୍ନାଇସ୍ଥିତ ଆମର ଶାଖା ମଣ୍ଡଳୀ ଗୁଡ଼ିକ ପାଇଁ ସଂପୂର୍ଣ୍ଣ ସମୟ ସହଯୋଗୀ ପାଳକଗଣ ।
- ସଂପୂର୍ଣ୍ଣ ସମୟ ସୁରକ୍ଷା କର୍ମୀ ।
- ଡିଟିପି ଅପରେଟର ଓ ଟାଇପିଷ୍ଟ ।
- ଇଂରାଜୀ ଓ ଅନ୍ୟ ଭାଷାଗୁଡ଼ିକୁ କହିବାରେ ଓ ଲେଖିବାରେ ଦକ୍ଷୟ ଲୋକମାନେ ।
- ପ୍ରଶାସନରେ ଆଗ୍ରହୀ ଅଫିସ ପରିଚାଳକମାନେ ।
- ସଂପୂର୍ଣ୍ଣ ସମୟ ବାଇବଲ କଲେଜ ଅଧ୍ୟାପକମାନେ ।
- ଆମର ସେବାକାର୍ଯ୍ୟର ବିକାଶ କରିପାରୁଥିବା ସ୍ୱେଚ୍ଛା ସେବୀମାନେ ।
- ସଂପୂର୍ଣ୍ଣ ସମୟ ଡ୍ରାଇଭର୍ ।
- ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ପାଇଁ ଅଧକ୍ଷ ଓ ଶିକ୍ଷକଗଣ ।
- ସଂପୂର୍ଣ୍ଣ ସମୟ ରାନ୍ଧୁଣିଆ (ମହିଳା) ।
- ସଂପୂର୍ଣ୍ଣ ସମୟ ଗୃହ ସହାୟକ କର୍ମଚାରୀ ।

**ଯୋଗ୍ୟତା ଓ ଅନୁଭୂତି ଉପରେ ଦରମା ଦିଆଯିବ**

Please Contact **ECHO OF HIS CALL** office
**Apply at Whatsapp No : 98412 71858**
**Email : sam@echoofhiscall.org**

RNI NO. 70105/98, Postal Regn. No. TN/CH/(C)/198/24-26 WPP NO. TN/PMG(CCR)/WPP-265/24-26

## ଆହ୍ୱାନର ପ୍ରତିଧ୍ୱନି

**YouTube**
Please subscribe

ଦୟାକରି ଆପଣଙ୍କ ସମୟ ଅନୁସାରେ "ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ ଓ ଏହାର ସଭ୍ୟ ହୁଅନ୍ତୁ ।

–ସଂପାଦକ –

## OUR BANK DETAILS:

### *1. Bank : State Bank of India*

Branch : **Triplicane, Chennai-5**
Name : **S. Sam Selva Raj**
A/C No. : **1023 2934 679**
IFSC : **SBIN 00 00 249**
SWIFT CODE : **SBI NIN BB 455**

### *2. Bank : ICICI Bank*

Branch : **Anna Salai, Chennai-6**
Name : **Echo of His Call**
A/C No. : **6038 0502 2319**
IFSC : **ICIC 000 6038**

### *3. Bank : State Bank of India*

**(This Account is for Tax Exemption for Indians only )**

Branch : **Triplicane, Chennai-5**
Name : **Echo of His Call Educational Trust**
A/C No. : **1023 2923 805**
IFSC : **SBIN 00 00 249**

**Google Pay: 98410 71858**
**PayPal : SAM SELVA RAJ**
*****
**E.mail : sam@echoofhiscall.org**

## ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ – ଟ. ୧୦୦/– ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ "ଆହ୍ୱାନର ପ୍ରତିଧ୍ୱନି" ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ "ଆହ୍ୱାନର ପ୍ରତିଧ୍ୱନି" ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ "ଆହ୍ୱାନର ପ୍ରତିଧ୍ୱନି" କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ-ମେଲ ଠିକଣା ଜଣାନ୍ତୁ ।

### ଆମର ଠିକଣା :

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com

**YOU CAN SEND YOUR DONATION ONLINE ALSO**

**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/24-26**
**Licence No. WPP. No. TN/PMG(CCR)/WPP-265/24-26**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS / 1 Patrika Channel"**
**on 18th JANUARY 2025.**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

***JESUS LOVES YOU!***

**To**

***GOD BLESS YOU!***

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers,** New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**